52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା
Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ
ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ
dainikasha.press
dainikasha.press
dainikasha.press
RNI NO-42004/83 | Vol. : 45/ Issue : 148 | Brahmapur | Saturday 11 July 2026 | ବର୍ଷ: ୪୫/ ଅଙ୍କ: ୧୪୮ | ଶନିବାର ୧୧ ଜୁଲାଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

# ୧୪ରେ ସମସ୍ତ ପୌରାଞ୍ଚଳରେ ପାଳନ ହେବ 'ନମସ୍ତେ ଦିବସ'

ଭୁବନେଶ୍ୱର: ସଫେଇ ମିତ୍ରଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ ଓ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଚଳିତ ମାସ ୧୪ ତାରିଖରେ ରାଜ୍ୟର ସମସ୍ତ ପୌରାଞ୍ଚଳରେ (ୟୁଏଲ୍‌ବି)ରେ 'ନମସ୍ତେ ଦିବସ' ପାଳନ କରାଯିବ। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଛି ।ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏବଂ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର 'ନ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜ୍ଡ ସାନିଟେସନ୍ ଇକୋସିଷ୍ଟମ୍ ' କାର୍ଯ୍ୟକ୍ରମ ଅନୁଯାୟୀ ଏହି ଦିବସ ପାଳନ କରାଯାଉଛି ।ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସମସ୍ତ ମହାନଗର ନିଗମ କମିଶନର ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟ ସ୍ତରରେ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ଆଇଇ ସି ପାଣ୍ଠିର ଉପଯୋଗ ଅନୁମୋଦିତ ଆର୍ଥିକ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବିଭାଗ ଅନୁମୋଦନ କରିଛି । ସ୍ୱଚ୍ଛତା କର୍ମୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ୟୁନିଫର୍ମ ପିନ୍ଧି ଏକତ୍ରିତ ହେବେ, ଯେଉଁଥିରେ ଏବଂ ସ୍ୱଚ୍ଛ ଭାରତ ମିଶନର ଲୋଗୋ ଥିବା ବ୍ୟାନର ପ୍ରଦର୍ଶିତ ହେବ ।ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତ୍ତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣକାରୀ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ ନମସ୍ତେ ପରିଚୟପତ୍ର ବଣ୍ଟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବଣ୍ଟନ ଏବଂ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନ କରାଯିବ । ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ ମଧ୍ୟ କରାଯିବ । 'ନମସ୍ତେ ଦିବସ' ପାଳନ ମାଧ୍ୟମରେ ରାଜ୍ୟ ସରକାର ସଫେଇ କର୍ମଚାରୀଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିବା ସହ ସମ୍ପୂର୍ଣ୍ଣ ଯାନ୍ତ୍ରିକ, ନିରାପଦ ଓ ମାନବିକ ସହରାଞ୍ଚଳ ସ୍ୱଚ୍ଛତା ବ୍ୟବସ୍ଥା ଗଠନ ଦିଗରେ ଆଉ ଏକ ପଦକ୍ଷେପ ।

## ରଥଯାତ୍ରା ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସୁରକ୍ଷାରେ ୧୨ହଜାର ପୋଲିସ, ନଜର ରଖିବ ୪୭୦ ସିସିଟିଭି

ଭୁବନେଶ୍ୱର ୧୦।୭: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ରଥଯାତ୍ରା ପାଇଁ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ବୈଠକରେ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ସମୀକ୍ଷା ବୈଠକ କରିବା ପାରେ ଆଜି ଆଉ ଥରେ ଲୋକସେବା ଭବନରେ ବିସ୍ତୃତ ସମୀକ୍ଷା କରିଛନ୍ତି। ବୈଠକରେ ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ ସୁରକ୍ଷା, ଭିଡ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ, ଦକ୍ଷ ଓ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ରଥଯାତ୍ରା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବ। ସମନ୍ୱୟ ବା କୋ-ଅର୍ଡିନେସନ ଉପରେ ପୁନର୍ବାର ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପ୍ରତ୍ୟେକ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ତଥା ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବାପାଇଁ ନିରନ୍ତର ସୂଚନା ପ୍ରଦାନର ବ୍ୟବସ୍ଥା ରହିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଯେପରି କମ୍ୟୁନିକେସନ ଗ୍ୟାପ ନରୁହେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା,



ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଞ୍ଚ, ଜରୁରୀକାଳୀନ ଇଭାକ୍ୟୁସନ, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ସୁରକ୍ଷା ବ୍ୟବସ୍ଥା ପାଇଁ ୧୨ ହଜାର ପୋଲିସ ତଥା ର କର୍ମଚାରୀ ମୁତୟନ କରାଯାଇଛି। ଏହାସହିତ ଓ ମଧ୍ୟ ସଜାଗ ଅଛନ୍ତି। ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ନିୟୋଜନ କରାଯାଇଛି। ସେହିପରି ୪୭୩ ସହିତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଜରୁରୀ ସୂଚନା ପ୍ରଦାନ କରିବା ପାଇଁ ୬୫ଟି ବଡ ର ବ୍ୟବସ୍ଥା କରାଯାଇଛି। ଓଡିଆ, ହିନ୍ଦୀ ଓ ଇଂରାଜୀରେ ଏଥିରେ ସୂଚନା ଦିଆଯିବ। ମୋବାଇଲ ନେଟୱାର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି। ସୂଚନା ପ୍ରଦାନ ପାଇଁ ଏଥରକ ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଭିଡ ନିୟନ୍ତ୍ରଣ ପାଇଁ ଅନେକ ବ୍ୟବସ୍ଥା କରାଯାଇଛି। ସମସ୍ତ ସୁରକ୍ଷା କାର୍ଯ୍ୟର ନିୟନ୍ତ୍ରଣ ପାଇଁ ସମନ୍ୱିତ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର କରାଯାଇଛି। ରଥଯାତ୍ରାର ପ୍ରତ୍ୟେକ ଟିକିନିଖି କାର୍ଯ୍ୟ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ପାର୍କିଙ୍ଗ୍, ବଡଦାଣ୍ଡରେ ହାଇମାକ୍ସ ଲାଇଟର ବ୍ୟବସ୍ଥା କରାଯାଇଛି। ଏଥର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୧୭୦୦ଟି ବାୟୋ-ଟଏଲେଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ୫ଟି ଟଏଲେଟକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୮ଟି ଅସ୍ଥାୟୀ ହସ୍ପିଟାଲ ମଧ୍ୟ କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ଟ୍ରେନ ଚଳାଚଳ କରିବ। ତେଣୁ ଟ୍ରେନର ସମୟ ଅନୁଯାୟୀ ଭକ୍ତ ମାନଙ୍କ ଆଗମନକୁ ଦେଖି ଯାତ୍ରୀମାନଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବା, ଭିଡ ନିୟନ୍ତ୍ରଣ ସହିତ ଅନ୍ୟାନ୍ୟ ବ୍ୟବସ୍ଥାକୁ ସଠିକ ରୂପେ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏବଂ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଏବଂ ବିଭିନ୍ନ ବିଭାଗର ସଚିବ ଓ ପୋଲିସ ଉଚ୍ଚ ପଦାଧିକାରୀ ଏବଂ ପୁରୀ ଜିଲ୍ଲାପାଳ ଓ ଏସ୍.ପି. ଉପସ୍ଥିତ ଥିଲେ।

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ, ସାତ ଦିନ ବର୍ଷିବ

ଭୁବନେଶ୍ୱର, ୧୦।୭: ସୃଷ୍ଟି ହେଲା ଘୂର୍ଣ୍ଣିବଳୟ । ପୁଣି ୭ ଦିନ ଯାଏ ରାଜ୍ୟରେ ଜାରି ରହିବ ବର୍ଷା । ୧୩ରୁ ବର୍ଷା ଅନୁପାତ ବଢ଼ିବ । କିଛି ଜିଲ୍ଲାରେ ପ୍ରବଳ ର୍ଷା ହେବ ବୋଲି ଚେତାବନୀ ଦେଇଛି ପାଣିପାଗ ବିଭାଗ । ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଗାଙ୍ଗେଟିକ ୱେଷ୍ଟବେଙ୍ଗଲ ଓ ତା ପାଖାପାଖି ବାଙ୍ଗଲାଦେଶ ଉପରେ ଘୂର୍ଣ୍ଣିବଳୟ ରହିଛି। ସମୁଦ୍ରପତନ ଠାରୁ ୪.୫ ରୁ ୪.୮ କିମି ଉଚ୍ଚତାରେ ଏହା ସକ୍ରିୟ ରହିଛି। ପ୍ରଭାବରେ ଆଗାମୀ ୭ ଦିନ ଯାଏ ବର୍ଷା ଜାରି ରହିବାର ସମ୍ଭାବନା ଥିବାବେଳେ ୧୩ ରୁ ପ୍ରବଳ ର୍ଷା ସମ୍ଭାବନା ରହିଛି। ଏହାସହ ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି।

ଆସନ୍ତା ୭ ଦିନ ଯାଏ କିଛି କିଛି ଜିଲ୍ଲାରେ ବିଜୁଳି ଘଡଘଡି ସହ ହାଲୁକରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ଦେଇଛି ପାଣିପାଗ ବିଭାଗ। ଆସନ୍ତା ୨୪ ଘଂଟାରେ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଥିବା ବେଳେ କୋରାପୁଟ,ରାୟଗଡା, ନବରଙ୍ଗପୁର, ନୂଆପଡା, ଭଦ୍ରକ, ବାଲେଶ୍ୱର,ମୟୁରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାରେ ବିଜୁଳି ଘଡଘଡି ସହ ର୍ଷା ହୋଇପାରେ ବୋଲି କହିଛି ପାଣିପାଗ ବିଭାଗ । ଏସବୁ ଜିଲ୍ଲାରେ ୩୦ ରୁ ୪୦ କିମି ପବନ ବହିବାର ସମ୍ଭାବନା ଥିବାରୁ ନେଇ ୟେଲୋ ୱର୍ଣ୍ଣିଙ୍ଗ ଜାରି କରାଯାଇଛି ।

ଆସନ୍ତାକାଲି କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୁରଭଞ୍ଜ ଜିଲ୍ଲାକୁ ହାଲୁକରୁ ମଧ୍ୟମ ଧରଣର ବର୍ଷା ସହ ୩୦ ରୁ ୪୦ କିମି ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱର୍ଣ୍ଣିଙ୍ଗ ଜାରି କରିଛି ବିଭାଗ। ୧୬ ତାରିଖ ଯାଏ ରାଜ୍ୟରେ କିଛି କିଛି ଅଂଚଳରେ ବର୍ଷା ସହ ପ୍ରବଳ ବର୍ଷା ପାଇଁ ମଧ୍ୟ ଚେତାବନୀ ଦେଇଛି ବିଭାଗ। ମୟୁରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ।

ଗତ ୨୪ ଘଣ୍ଟା ମଧ୍ୟରେ ୧୩ଟି ସ୍ଥାନରେ ର୍ଷା ରେକର୍ଡ ହୋଇଥିବା ବେଳେ ସର୍ବାଧିକ ବର୍ଷା ସୁନ୍ଦରଗଡ ଗୁରୁଣ୍ଡିଆରେ ୭୧ ମିମି ରେକର୍ଡ ହୋଇଛି। ଜୁନ ୧ରୁ ଏଯାବତ ରାଜ୍ୟରେ ୩୪୧ ମିମି ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷାର ୧୨ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ମୌସୁମୀ ବର୍ଷରେ ଏଯାବତ ୬ ଟି ଜିଲ୍ଲାରେ ଅତ୍ୟଧିକ ର୍ଷା ରେକର୍ଡ଼ କରାଯାଇଥିବା ବେଳେ ୫ ଜିଲ୍ଲାରେ ଅଧିକା ବର୍ଷା ହୋଇଛି । ୧୫ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୪ ଜିଲାରେ ନିଅଁଟିଏ ବର୍ଷା ରେକର୍ଡ ହୋଇଛି। ମୟୁରଭଞ୍ଜ ,ବାଲେଶ୍ୱର, ଦେଓଗଡ ଓ ସମ୍ବଲପୁରରେ ଏଯାବତ ନିଅଁଟିଆ ବର୍ଷା ରେକର୍ଡ ହୋଇଛି।

# ଏନକାଉଣ୍ଟର: ୪ ଗ୍ୟାଙ୍ଗଷ୍ଟର ନିହତ, ୩ ପୁଲିସ କର୍ମଚାରୀ ଆହତ

ନୂଆଦିଲ୍ଲୀ, ୧୦।୭: ଗୁରୁଗ୍ରାମର ସୁଶାନ୍ତ ଲୋକ ଫେଜ୍-୨ ଠାରେ ସଶସ୍ତ୍ର ଗ୍ୟାଙ୍ଗଷ୍ଟରମାନଙ୍କ ସହ ହୋଇଥିବା ଏକ ହାଇ-ଭୋଲ୍ଟେଜ୍ ଏନକାଉଣ୍ଟର (ଗୁଳି ବିନିମୟ) ବେଳେ ଚାରି ଜଣ ଅପରାଧୀ ନିହତ ହୋଇଛନ୍ତି ଏବଂ ଗୁରୁଗ୍ରାମ ପୋଲିସ କ୍ରାଇମ ବ୍ରାଞ୍ଚର ତିନି ଜଣ କର୍ମଚାରୀ ଗୁଳିମାଡ଼ରେ ଆହତ ହୋଇଛନ୍ତି।ଗୁରୁଗ୍ରାମ ପୋଲିସ କମିଶନରଙ୍କ ଅନୁଯାୟୀ, ଏହି ଅପରାଧୀମାନେ ଗ୍ୟାଙ୍ଗଷ୍ଟର ଦୀପକ ନନ୍ଦଲଙ୍କ ସହ ଜଡ଼ିତ ଶୁଟର ଥିଲେ, ଯିଏ କି ବର୍ତ୍ତମାନ ବିଦେଶରୁ ନିଜର ଗ୍ୟାଙ୍ଗ୍ ଚଳାଉଛି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ପାଞ୍ଚଟି ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର (ଅଟୋମେଟିକ୍ ୱେପନ୍ସ) ମଧ୍ୟ ଜବତ କରିଛି।ସୂଚନା ଅନୁଯାୟୀ, ଶୁଟରମାନେ ସୁଶାନ୍ତ ଲୋକ ଅଞ୍ଚଳରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ବାସଭବନ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଚେଷ୍ଟା କରିବା ପରେ ଏହି ଏନକାଉଣ୍ଟର ହୋଇଥିଲା। ଖବର ଅନୁସାରେ, ସେହି ବ୍ୟବସାୟୀଙ୍କୁ ବିଦେଶରେ ରହୁଥିବା ଗ୍ୟାଙ୍ଗଷ୍ଟରଙ୍କଠାରୁ ବାରମ୍ବାର ଦାଦାବଟି (ଏକ୍ସଟରସନ୍) ପାଇଁ ଧମକପୂର୍ଣ୍ଣ ମେସେଜ୍ ମିଳୁଥିଲା। ଗୁରୁଗ୍ରାମ ପୋଲିସ ଅନୁଯାୟୀ, କ୍ରାଇମ ବ୍ରାଞ୍ଚ ଟିମ୍‌ଗୁଡ଼ିକୁ ପୋଲିସ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସୂଚନା ମିଳିଥିଲା ଯେ ଜଣେ ସନ୍ଦିଗ୍ଧ ସ୍କର୍ପିଓ ଏସୟୁଭି ଗାଡ଼ିରେ କିଛି ସଶସ୍ତ୍ର ଅପରାଧୀ ଯାତ୍ରା କରୁଛନ୍ତି। ଯେତେବେଳେ କ୍ରାଇମବ୍ରାଞ୍ଚ ଟିମ୍ ସୁଶାନ୍ତ ଲୋକ ଅଞ୍ଚଳରେ ପହଞ୍ଚିଲେ, ସେତେବେଳକୁ ଅଭିଯୁକ୍ତମାନେ ଅତ୍ୟାଧୁନିକ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ବ୍ୟବସାୟୀଙ୍କ ଘର ଉପରକୁ ଗୁଳି ଚଳାଇବା ଆରମ୍ଭ କରିସାରିଥିଲେ।କ୍ରାଇମ ବ୍ରାଞ୍ଚ କର୍ମଚାରୀମାନେ ଅଭିଯୁକ୍ତମାନଙ୍କୁ ଆତ୍ମସମର୍ପଣ କରିବାକୁ ଚେତାବନୀ ଦେଇଥିଲେ, କିନ୍ତୁ ଶୁଟରମାନେ ସେପରି ନକରି ସେମାନଙ୍କୁ ଉପରକୁ ଗୁଳି ଚଳାଇଥିଲେ ଏବଂ ଫେରାର ହେବାକୁ ଚେଷ୍ଟା କରିଥିଲେ। ଏହାପରେ କ୍ରାଇମ ବ୍ରାଞ୍ଚ ଆତ୍ମରକ୍ଷା ପାଇଁ ଏବଂ ଅଭିଯୁକ୍ତମାନଙ୍କୁ କାବୁ କରିବା ପାଇଁ ପାଲଟା ଗୁଳି ଚଳାଇଥିଲା, ଯେଉଁଥିରେ ସମସ୍ତ ପାଞ୍ଚ ଜଣ ଶୁଟର ଆହତ ହୋଇଥିଲେ।ପୋଲିସ ଆହତ ହୋଇଥିବା ସମସ୍ତ ପାଞ୍ଚ ଜଣ ସନ୍ଦିଗ୍ଧଙ୍କୁ ଏକ ବେସରକାରୀ ସୁପର-ସ୍ପେଶାଲିଟି ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ସେଠାରେ ଡାକ୍ତରମାନେ ସେମାନଙ୍କ ମଧ୍ୟରୁ ଚାରି ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଜଣେ ଆହତ ଅଭିଯୁକ୍ତଙ୍କ ଚିକିତ୍ସା ଚାଲିଛି। ଏହି ଗୁଳି ବିନିମୟ ସମୟରେ ଗୁରୁଗ୍ରାମ ପୋଲିସ କ୍ରାଇମ ବ୍ରାଞ୍ଚର ତିନି ଜଣ କର୍ମଚାରୀ ମଧ୍ୟ ଗୁଳିମାଡ଼ରେ ଆହତ ହୋଇଥିଲେ। କର୍ତ୍ତୃପକ୍ଷ ତୁରନ୍ତ ତିନି ଆହତ ପୋଲିସ କର୍ମଚାରୀଙ୍କୁ ଡାକ୍ତରଖାନା ନେଇଥିଲେ, ଯେଉଁଠାରେ ସେମାନେ ନିରନ୍ତର ଡାକ୍ତରୀ ତତ୍ତ୍ୱାବଧାନରେ ଚିକିତ୍ସିତ ହେଉଛନ୍ତି।

# ହାଇଡ୍ରୋଜେନ୍ ହେଉଛି ପରିବହନ ଶିଳ୍ପର ଭବିଷ୍ୟତ: ଗଡ଼କରୀ

ନୂଆଦିଲ୍ଲୀ, ୧୦।୭: ଇଥାନଲ ମିଶା ପେଟ୍ରୋଲ୍‌କୁ ନେଇ ଦେଶରେ ଚର୍ଚ୍ଚା ଥମୁ ନଥିବା ଭଳି ଏକ ସମୟରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଉ ଏକ ନୂଆ ଇନ୍ଧନ ଆସୁଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ହାଇଡ୍ରୋଜେନ୍ ହେଉଛି ପରିବହନ ଶିଳ୍ପର ଭବିଷ୍ୟତ।

ଦେଶର ୧୦ଟି ରୁଟ୍‌ରେ ତାହାର ପରୀକ୍ଷଣ ଚାଲିଛି। ସେ କହିଛନ୍ତି, ଭୁବନେଶ୍ୱର-କୋଣାର୍କ-ପୁରୀ ସମେତ ନୋଏଡା-ଦିଲ୍ଲୀ-ଆଗ୍ରା, ଅହମଦାବାଦ-ବଡୋଦରା-ସୁରତ, ସାହିବାବାଦ-ଫରିଦାବାଦ-ଦିଲ୍ଲୀ, ପୁନେ-ମୁମ୍ବାଇ, ଜାମସେଦପୁର-କଳିଙ୍ଗନଗର, ଥିରୁବନନ୍ତପୁରମ-କୋଚି, କୋଚି-ଇଡାପାଲି, ଜାମନଗର-ଅହମଦାବାଦ ଓ ବିଶାଖାପାଟଣା-ବୟବରମ ରୁଟ୍‌ରେ ଏହି ଇନ୍ଧନର ପରୀକ୍ଷଣ ହେଉଛି। ଦେଶରେ ଆବଶ୍ୟକ ସଂଖ୍ୟକ ବସ୍ ତିଆରି ହେଉନଥିବାରୁ ଗଡ଼କରୀ ଉଦବେଗ ପ୍ରକାଶ କରିଛନ୍ତି। ସେ କହିଥିଲେ ଯେ ବର୍ଷକୁ ୩ ଲକ୍ଷ ବସ୍ ଦରକାର ହେଉଛି। କିନ୍ତୁ ଚିନ୍ତାର ବିଷୟ ଏହା ହେଉଛି ଦେଶ ଭିତରେ ୭୦-୮୦ ହଜାର ବସ୍ ହିଁ ତିଆରି ହୋଇପାରୁଛି। ଲିଥିୟମ୍ ଆୟନ ବ୍ୟାଟେରି ମୂଲ୍ୟରେ ହୋଇଥିବା ହ୍ରାସର ଲାଭ ଗ୍ରାହକମାନଙ୍କୁ ଦେବା ଲାଗି ସେ ଇଲେକ୍ଟ୍ରିକ୍ ବସ୍ ନିର୍ମାତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ବସ୍, ଟ୍ରକ୍ ଓ କାର୍ ଚାର୍ଜିଂ ପାଇଁ ରହିଥିବା ୨୦ ଟଙ୍କାର ମୂଲ୍ୟ ଯଥେଷ୍ଟ ଅଧିକ। ତାହା କମ୍ କରିବା ଉପରେ ସରକାର କାମ କରୁଛନ୍ତି ବୋଲି ଗଡ଼କରୀ କହିଛନ୍ତି।

## ଜନଗଣନା ପାଇଁ ଘୁଞ୍ଚିପାରେ ପଞ୍ଚାୟତ ନିର୍ବାଚନ!

# ବଦଳିବ ନିର୍ବାଚନ ଚିତ୍ର: ଘରକୁ ଘର ବୁଲି ହେବ ଭୋଟର ସର୍ଭେ

ଭୁବନେଶ୍ୱର,୧୦।୭: ରାଜ୍ୟର ପରବର୍ତ୍ତୀ ପଞ୍ଚାୟତ ନିର୍ବାଚନକୁ ନେଇ ବଡ଼ ସୂଚନା ସାମ୍ନାକୁ ଆସିଛି। ଏଥର ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ନିର୍ବାଚନ ହୋଇ ନପାରେ। ୨୦୨୭ ଜନଗଣନା ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ନିର୍ବାଚନୀ ପ୍ରକ୍ରିୟା ଆଗକୁ ବଢ଼ାଇବାକୁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଥିବା ସୂଚନା ମିଳିଛି। ଏହାସହ ପ୍ରଥମ ଥର ପାଇଁ ଡୋର-ଟୁ-ଡୋର ସର୍ଭେ କରି ବୁଥ୍‌ୱାଇଜ୍ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ଯୋଜନା ହୋଇଛି। ଫଳରେ ଗ୍ରାମାଞ୍ଚଳର ନିର୍ବାଚନ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିବାର ସମ୍ଭାବନା ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ୨୦୨୭ ଜନଗଣନା ଶେଷ ହେବା ପରେ ଆସନ୍ତା ବର୍ଷ ଏପ୍ରିଲ ମାସରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇପାରେ। ଏହାପରେ ପର୍ଯ୍ୟାୟକ୍ରମେ ନାମାଙ୍କନ, ଯାଞ୍ଚ, ପ୍ରଚାର ଓ ମତଦାନ ପ୍ରକ୍ରିୟା ସମ୍ପନ୍ନ କରି ଜୁନ୍ ସୁଦ୍ଧା ସମଗ୍ର ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅର୍ଥାତ୍, ଏଥର ପଞ୍ଚାୟତ ନିର୍ବାଚନ ପୂର୍ବ ନିର୍ଦ୍ଧାରିତ ସମୟସୂଚୀଠାରୁ କିଛି ମାସ



ବିଳମ୍ବରେ ହେବାର ସମ୍ଭାବନା ଅଧିକ। ନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜ୍ୟ ସରକାର ପୂର୍ବରୁ ରାଜସ୍ୱ ବିଭାଗର ଆରଡିସି ଓ ସମସ୍ତ ଜିଲ୍ଲାପାଳଙ୍କ ସହ ବୈଠକ କରିସାରିଛନ୍ତି। ବୈଠକରେ ନିର୍ବାଚନ ପରିଚାଳନା, ଭୋଟର ତାଲିକା ଅଦ୍ୟତନ, ବୁଥ୍ ପୁନର୍ଗଠନ ଏବଂ ଜନଗଣନା ପରବର୍ତ୍ତୀ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆସନ୍ତା ୨୧ ତାରିଖରେ ପୁଣିଥରେ ଆଭାସୀ ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବସିବ। ଏଥିରେ ନିର୍ବାଚନ ପ୍ରସ୍ତୁତିର ଅଗ୍ରଗତି, ବିଭିନ୍ନ ବିଭାଗର ଦାୟିତ୍ୱ ଏବଂ କାର୍ଯ୍ୟଯୋଜନାକୁ ନେଇ ଚୂଡ଼ାନ୍ତ ରୂପରେଖା ପ୍ରସ୍ତୁତ ହେବ। ଏଥରର ପଞ୍ଚାୟତ ନିର୍ବାଚନରେ ସବୁଠାରୁ ବଡ଼ ପରିବର୍ତ୍ତନ ହେଉଛି ଡୋର-ଟୁ-ଡୋର ଭୋଟର ସର୍ଭେ। ପ୍ରଥମ ଥର ପାଇଁ ନିର୍ବାଚନୀ କର୍ମଚାରୀମାନେ ପ୍ରତ୍ୟେକ ଘରକୁ ଯାଇ ଭୋଟରଙ୍କ ସୂଚନା ସଂଗ୍ରହ କରିବେ। ଏହା ସହ ଆମ ବୁଥ୍, ଆମ ବାରି ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ବୁଥ୍‌ର ଭୋଟରଙ୍କ ତଥ୍ୟ ଯାଞ୍ଚ କରାଯିବ। କେଉଁ ଭୋଟର କେଉଁଠି ରହୁଛନ୍ତି, କେଉଁ ବୁଥ୍‌ରେ ଭୋଟ ଦେଉଛନ୍ତି ଏବଂ କେଉଁଠି ସଂଶୋଧନ ଆବଶ୍ୟକଏସବୁ ତଥ୍ୟ ସର୍ଭେ ମାଧ୍ୟମରେ ସଂଗ୍ରହ କରାଯିବ।ବ୍ଦ୍ଦବର୍ତ୍ତମାନ ଅନେକ ଗ୍ରାମରେ ଏଭଳି ପରିସ୍ଥିତି ରହିଛି ଯେ, ଗୋଟିଏ ବୁଥ୍‌ରେ ବିଭିନ୍ନ ଅଞ୍ଚଳର ଭୋଟରଙ୍କ ନାମ ରହିଛି। ଫଳରେ ଅନେକ ଭୋଟରଙ୍କୁ ନିଜ ବାସସ୍ଥାନଠାରୁ ଦୂର ବୁଥ୍‌କୁ ଯିବାକୁ ପଡୁଛି। ଏହି କାରଣରୁ ଅନେକ ସମୟରେ ଭୋଟଦାନ ହାର ମଧ୍ୟ ପ୍ରଭାବିତ ହେଉଛି। ନୂଆ ସର୍ଭେ ପରେ ପ୍ରତ୍ୟେକ ଭୋଟରଙ୍କୁ ତାଙ୍କ ନିକଟସ୍ଥ ବୁଥ୍‌ରେ ସ୍ଥାନାନ୍ତର କରିବାକୁ ଯୋଜନା କରାଯାଇଛି। ଏହାଦ୍ୱାରା ଭୋଟରଙ୍କ ସୁବିଧା ବଢ଼ିବା ସହ ମତଦାନ ପ୍ରତିଶତ ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଜନଗଣନା ପରେ ଲୋକସଂଖ୍ୟା ଆଧାରରେ କେତେକ ପଞ୍ଚାୟତର ସୀମା ପୁନର୍ନିର୍ଦ୍ଧାରଣ, ୱାର୍ଡ ପୁନର୍ଗଠନ ଏବଂ ଆସନ ସଂରକ୍ଷଣରେ ମଧ୍ୟ ପରିବର୍ତ୍ତନ ଆସିପାରେ। ସେଥିପାଇଁ ଜନଗଣନା ତଥ୍ୟକୁ ଆଧାର କରି ସମସ୍ତ ପ୍ରକ୍ରିୟା ଶେଷ କରିବା ପରେ ହିଁ ନିର୍ବାଚନ ଘୋଷଣା କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଭବିଷ୍ୟତରେ ଆଇନଗତ ଜଟିଳତା କିମ୍ବା ନିର୍ବାଚନୀ ବିବାଦକୁ ଏଡ଼ାଇବା ସମ୍ଭବ ହେବ ବୋଲି ପ୍ରଶାସନର ଆକଳନ।ବ୍ଦ୍ଦରାଜ୍ୟ ନିର୍ବାଚନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସୁସଂଗଠିତ ଓ ଭୋଟର-ବନ୍ଧବ କରିବା ଲକ୍ଷ୍ୟରେ ଏହି ନୂଆ ପଦକ୍ଷେପ ନିଆଯାଉଛି। ଯଦି ଯୋଜନା ଅନୁଯାୟୀ ସବୁ କାର୍ଯ୍ୟ ସମ୍ପନ୍ନ ହୁଏ, ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଅଧିକ ସ୍ୱଚ୍ଛ ଭୋଟର ତାଲିକା, ସଠିକ୍ ବୁଥ୍ ବ୍ୟବସ୍ଥା ଓ ବଢ଼ିଆ ଭୋଟଦାନ ହାର ଦେଖିବାକୁ ମିଳିପାରେ। ସେହିପରି ଜନଗଣନା ପରବର୍ତ୍ତୀ ପରିବର୍ତ୍ତିତ ଜନସଂଖ୍ୟା ଚିତ୍ର ଅନୁଯାୟୀ ନୂତନ ପଞ୍ଚାୟତ ପ୍ରତିନିଧି ଚୟନର ପ୍ରକ୍ରିୟା ମଧ୍ୟ ଅଧିକ ବାସ୍ତବ ଓ ସୁବ୍ୟବସ୍ଥିତ ହେବ ବୋଲି ପ୍ରଶାସନ ଆଶା ପ୍ରକାଶ କରିଛି।

## ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଟଙ୍କା

# କୋଟିଏରୁ ଉର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ଯିବ ପଞ୍ଚମ କିସ୍ତି

ଭୁବନେଶ୍ୱର: ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ପାଇଁ ଆସିଛି ଖୁସି ଖବର। ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ପାଇଁ ରାଜ୍ୟ ସରକାର ପ୍ରସ୍ତୁତିକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି । ରାକ୍ଷୀ ପୂର୍ଣ୍ଣିମା ଦିନ ଏକ କୋଟିରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଖାତାକୁ ପଞ୍ଚମ କିସ୍ତିର ଅର୍ଥ ଡିବିଟି ମାଧ୍ୟମରେ ପଠାଯିବ।ଶୁକ୍ରବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ପଞ୍ଚମ କିସ୍ତି ବଣ୍ଟନ ପାଇଁ ରୋଡମ୍ୟାପ୍ ଚୂଡ଼ାନ୍ତ କରାଯାଇଛି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଓସିଏସିର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ପ୍ରସ୍ତୁତିର ଅଗ୍ରଗତି ସମୀକ୍ଷା କରିଥିଲେ। ସୁଭଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ମୋଟ ୧ କୋଟି ୧୫ ଲକ୍ଷ ୭୫ ହଜାର ୬୩୩ଟି ଆବେଦନ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୨୦୨୬-୨୭ ଆର୍ଥିକ ବର୍ଷରେ ୩ ଲକ୍ଷ ୧୭ ହଜାର ୯୬୬ଟି ନୂଆ ଆବେଦନ ମିଳିଛି। ସମସ୍ତ ଯାଞ୍ଚ ପ୍ରକ୍ରିୟା ପରେ ପ୍ରାରମ୍ଭିକ ଭାବେ ୧ କୋଟି ୨ ଲକ୍ଷ ୪ ହଜାର ୩୯୬ ଜଣଙ୍କୁ ପଞ୍ଚମ କିସ୍ତି ପାଇଁ ଚିହ୍ନଟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଞ୍ଚ ବେଳେ ୫ ହଜାର ୨୭୭ ଜଣ ମୃତ ହିତାଧିକାରୀଙ୍କ ନାମ ବାଦ ଦିଆଯିବା ପରେ ବର୍ତ୍ତମାନ ୧ କୋଟି ୧ ଲକ୍ଷ ୯୯ ହଜାର ୧୧୯ ଜଣଙ୍କୁ ପଞ୍ଚମ କିସ୍ତି ପାଇଁ ଅନ୍ତିମ ସମ୍ଭାବ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି।

ପଞ୍ଚମ କିସ୍ତି ବଣ୍ଟନରେ କୌଣସି ବାଧା ସୃଷ୍ଟି ନ ହେବାକୁ ଡିବିଟି ସକ୍ରିୟକରଣ, ବାୟୋମେଟ୍ରିକ୍ - ଏବଂ ବ୍ୟାଙ୍କିଙ୍ଗ ପ୍ରକ୍ରିୟା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ୮୨ ହଜାର ୩୬ଟି ଡିବିଟି ସକ୍ରିୟକରଣ, ୨୮ ହଜାର ୬୨୧ଟି ବାୟୋମେଟ୍ରିକ୍ - ଏବଂ ୩ ଲକ୍ଷ ୫୩ ହଜାର ୫୯ଟି ଫିଲ୍ଡ ଏନକ୍ୱାରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମ୍ୟାପିଂ, ପେମେଣ୍ଟ ଫାଇଲ୍ ପ୍ରସ୍ତୁତି ଏବଂ ବ୍ୟାଙ୍କଗୁଡ଼ିକ ସହ ସମନ୍ୱୟ ନେଇ ମଧ୍ୟ ବିସ୍ତୃତ ସମୀକ୍ଷା କରାଯାଇଛି।

ଚାରିଟି କିସ୍ତିରେ ଦିଆଯାଇଛି ୧୨ ହଜାର ୬୪ କୋଟି



୮୬ ଲକ୍ଷ

ବୈଠକରେ ସୁଭଦ୍ରା ଯୋଜନାର ସାମଗ୍ରିକ ଅଗ୍ରଗତି ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏପର୍ଯ୍ୟନ୍ତ ଚାରିଟି କିସ୍ତିରେ ୧୨ ହଜାର ୬୪ କୋଟି ୮୬ ଲକ୍ଷ ଟଙ୍କାରୁ ଅଧିକ ରାଶି ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର () ମାଧ୍ୟମରେ ଏକ କୋଟିରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଖାତାକୁ ପଠାଯାଇଛି।ଅନ୍ୟପକ୍ଷରେ, ଯୋଜନାକୁ ନେଇ ମୋଟ ୩ ଲକ୍ଷ ୫୭ ହଜାର ୯୫୩ଟି ଅଭିଯୋଗ ମଧ୍ୟରୁ ୨ ଲକ୍ଷ ୬୮ ହଜାର ୩୯୬ଟିର ସମାଧାନ କରାଯାଇଥିବା ବେଳେ, ୨୪ ଲକ୍ଷ ୯୨ ହଜାର ୯୧୩ଟି ଆବେଦନକୁ ଫିଲ୍ଡ ଯାଞ୍ଚ ପାଇଁ ପଠାଯାଇଛି। ସେଥିମଧ୍ୟରୁ ୨୧ ଲକ୍ଷ ୯୩ ହଜାର ୪୦୬ଟି ଯାଞ୍ଚ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି।

# ଭାବିହ୍ୱଳ ପରିବେଶରେ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର / ଡୁଙ୍ଗୁରିପାଲି / ରାମପୁର, ୧୦୭ (ଆନିସ): ଭାବବିହ୍ୱଳ ପରିବେଶ ରେ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କନ୍ଦାଗାଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ତୋଷ ପଧାନ ଓ ଉଚ୍ଚ ବିଦ୍ୟାଳୟ ର ହିନ୍ଦୀ ଶିକ୍ଷକ କୃଷ୍ଣ ଚନ୍ଦ୍ର ବୁଢ଼ିଆ ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କନ୍ଦାଗାଡ଼ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ବାରିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ଡୁଙ୍ଗୁରିପାଲି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଗଣେଶ କିଶାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସନ୍ତୋଷ ପଧାନ ଓ ଉଚ୍ଚ ବିଦ୍ୟାଳୟ ର ହିନ୍ଦୀ ଶିକ୍ଷକ କୃଷ୍ଣ ଚନ୍ଦ୍ର ବୁଢ଼ିଆ ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବାଙ୍ଗୀପାଲି ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ,ସିଆରସିସି ସୁନୀଲ କୁମାର ସେଠ , ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ନବୀନ ପଧାନ ,ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରାଜକିଶୋର ପ୍ରଧାନ ,ପୂର୍ବତନ ସଭାପତି ବାସୁଦେବ ପ୍ରଧାନ ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ,ଅବସରପ୍ରାପ୍ତ ଶିକ୍ଷକ ସମ୍ବଦ ଖମାରୀ,ସୁବାସ ବାରିକ,ପଞ୍ଚାନନ ବାରିକ,ଜିଲ୍ଲା ହିନ୍ଦୀ ଶିକ୍ଷକ ସଭାପତି ସୁବାସ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଶ୍ରୀଯୁକ୍ତ ପଧାନ ଓ ବୁଢ଼ିଆ ଙ୍କ କୃତିତ୍ୱ ଅବତାରଣା କରିଥିଲେ । ଡୁଙ୍ଗୁରିପାଲି ବ୍ଲକ କୁ ଶିକ୍ଷା କ୍ଷେତ୍ରରେ ଆଗେଇ ନେବା ପାଇଁ ତାଙ୍କ ଅବଦାନ ଥିଲା ଅନନ୍ୟ। ତାଙ୍କ ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ସ୍ନେହ ବତ୍ସଳତା କୁ ମନେ ପକାଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ନିଜ ଅନୁଭୂତି କହିଥିଲେ। ବିଦ୍ୟାଳୟ ପ୍ରାରମ୍ଭ ରୁ ବର୍ତ୍ତମାନ ଯାଏଁ ଏହି ବିଦ୍ୟାଳୟ ରେ କରିଯାଇଥିବା ଉତ୍ତମ ଶିକ୍ଷାଦାନ ଶିକ୍ଷକ ସମାଜ ର ପଥ ପ୍ରଦର୍ଶକ ହୋଇ ରହିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଶ୍ରୀଯୁକ୍ତ ପଧାନ ଓ ବୁଢ଼ିଆ ନିଜ ଶିକ୍ଷକତା ଜୀବନ ର ବିଗତ ଦିନର କଥା ଓ ସ୍ମୃତି ଚାରଣ କରିବା ସହ ଆଶୀର୍ବଚନ ପ୍ରଦାନ କରିଥିଲେ। ବାଙ୍ଗୀପାଲି କ୍ଲଷ୍ଟର ଓ ଆଖପାଖ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପହାର ଓ ଉପଢୌକନ ପ୍ରଦାନ ପୂର୍ବକ ଆଶୀର୍ବାଦ ନେଇଥିଲେ। କନ୍ଦାଗାଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀବସ୍ତ ପାଣ୍ଡେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ମାୟାଧର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଶିକ୍ଷକ ନୀଳମଣି ଚୌଧୁରୀ, ସଂସ୍କୃତ ଶିକ୍ଷକ ବୀରେନ୍ଦ୍ର ସାହୁ,ଚିଲାଗୁଡା ସିଆରସିସି ରମେଶ ଭୋଇ,ଇଞ୍ଚାପୁର ସିଆରସିସି ସୁଧାଂଶୁ ସାହୁ,ବାଘହାଣ୍ଡି ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମୁକୁନ୍ଦ ରଥ ,ବୈରାଗୀମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଉମେଶ ସେନାପତି,ଗିଧମାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦନ ବରିହା, ବଲେନପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣନାଥ ତାଣ୍ଡି, ଭାଗିଟିକିରା ପ୍ରାଥମିକ .

ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାସ ପଧାନ,ଶିକ୍ଷକ ସଂଜୀବ ସାହୁ, ନରୋତ୍ତମ ଆଡବାଙ୍କ,ଶିକ୍ଷାପ୍ରେମୀ ଲକ୍ଷ୍ମୀ ବିଶ୍ୱାଳ ,ଲଳିତ ବିଶ୍ୱାଳ, ଅଶାଢୁ ବର୍ଗେ,ଗରୁଡ଼ଧ୍ୱଜ ଖମାରୀ, ଅବିଭାବକ, ଅବିଭାବିକା,ପୁରାତନ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ର ଛାତ୍ରୀମାନେ ସଭା ପ୍ରାରମ୍ଭ ରେ ସ୍ୱାଗତ ସଂଗୀତ ଓ ସଭା ଶେଷରେ ବିଦାୟ ସଂଗୀତ ଗାଇଥିଲେ। ପରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକ ତାଙ୍କ ସାଲପାଲି ଓ ବରପାଲି ସ୍ଥିତ ବାସଭବନ କୁ ସଂକୀର୍ତ୍ତନ ସହ ପାଦଯାତ୍ରା କରି ପହଞ୍ଚାଇ ନେବା ବେଳେ ତାଙ୍କ ପରିବାର ବର୍ଗ ସ୍ୱାଗତ କରିଥିଲେ। ଆଦର୍ଶ ଶିକ୍ଷକ ଦ୍ୱୟ ଙ୍କ ଅବସର ଅଂଚଳ ରେ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଛି।



# ଜିଲ୍ଲାସ୍ତରୀୟ ଉପ କନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତା

ସୁନ୍ଦରଗଡ,୧୦/୦୭(ଆନିସ): ଜୁଲାଇ ୧୦ ତାରିଖ ଶୁକ୍ରବାର ଦିନ ୧୦ ଟା ସମୟରେ ଜିଲ୍ଲା ସ୍ତରୀୟ ଉପ କନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘର ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ କୁନ୍ତୀ ପ୍ରଧାନ ଯୋଗଦାନ କରି ଖେଳାଳି ମାନଙ୍କ ଉତ୍ତୋରତ୍ତର କାମନା କରିଥିଲେ ସ୍ୱତନ୍ତ୍ର ଅତିଥି ଭାବେ ମୁନିସିପାଲିଟି ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର ଯୋଗଦାନ କରି କହିଥିଲେ ସିପକଟାକ୍ରୋ ଖେଳରେ ସୁନ୍ଦରଗଡ଼ ଜିଲ୍ଲାର ଖେଳାଳି ମାନଙ୍କ ପ୍ରତିଭା ରାଜ୍ୟରେ ଉତ୍ତମ ପ୍ରଦର୍ଶନ ରହିଛି ରାଜ୍ୟ ସ୍ତରରେ ଉତ୍ତମ ପ୍ରଦର୍ଶନ କରି ଜାତୀୟ ସ୍ତରକୁ ଉନ୍ନୀତ ହେବା ପାଇଁ କାମନା କରିଥିଲେ ସମ୍ମାନିତ ଅତିଥି ଭାବେ ଲତିକା ପଟ୍ଟନାୟକ ଓ ମିତ୍ରଭାନୁ ସେଟ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କାରିଥିଲେ ଜାତୀୟ ରେଫରୀ କିରଣ ଶିଳା ବାର୍ଲା, ରାଜ୍ୟ ସ୍ତରୀୟ ରେଫରୀ ବିଜୟ ଲକ୍ଷ୍ମୀ ନାଏକ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, କ୍ରୀଡା ଶିକ୍ଷକ ରଜନୀ କାନ୍ତ ପଟେଲ, ଶିଳା ପଟେଲ, କାଦମ୍ବିନୀ ପଟେଲ ଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଟ୍ରେନର ଲିପ୍ସା ଷଡ଼ଙ୍ଗୀ ଖେଳ ପରିଚାଳନା ଦାୟିତ୍ୱ ନେଇଥିଲେ ସଂଘ ସଭାପତି ସିଦ୍ଧାର୍ଥ ବକ୍ସ ଓ ଉପ ସଭାପତି ସୁଜିତ ଗୋସାଇଁ ମିଂଜ ଉପସ୍ଥିତ ରହି ସହଯୋଗ କରିଥିଲେ ଯେଉଁ ଖେଳାଳି ମାନେ ଚୟନ ହେଲେ ସେମାନେ ଆସନ୍ତା ଅଗଷ୍ଟ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ହେବାକୁ ଥିବା ୨୪ ତମ ଆନ୍ତଃଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ



# ବନମହୋତ୍ସବ ଅବସରରେ ବୃଦ୍ଧା ଶ୍ରମ ରେ ବୃକ୍ଷ ରୋପଣ

ଫୁଲବାଣୀ ୧୦୭ (ଆନିସ): ଫୁଲବାଣୀ ବନ ଖଣ୍ଡ ଅଧୀନ ରେଞ୍ଜ ପକ୍ଷରୁ ସ୍ଥାନୀୟ ବୃଦ୍ଧଶ୍ରମ୍ ପରିସରରେ ବୁଧବାର ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ବ୍ୟାପକ ବୃକ୍ଷ ରୋପଣ କରାଯାଇଥିଲା ଫୁଲ ବାଣୀ ସମେତ ଜିଲାରେ ପରିବେଶ ସୁରକ୍ଷା ସହ ଅଧିକ ରୁ ଅଧିକ ବୃକ୍ଷ ରୋପଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ଜିଲ୍ଲା ପାଳ ବେଦ ଭୂଷଣ ଓ ଫୁଲବାଣୀବନ ଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲି ଏହି ଅବସରରେ ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଗୋଟିଏ ଦୁଇଟି ଗଛ ଲଗାଇବା ସହ ଗଛର ଉପଯୁକ୍ତ ଯତ୍ନ ନେବା ଲାଗି ପରାମର୍ଶ ଦେଇଛନ୍ତି ଜିଲାପାଳ ବେଦ ଭୂଷଣ ଓ ଡି ଏଫ୍ ଓ ପ୍ରତାପ କୋଟପାଲି ଅନ୍ୟ ମାନଙ୍କ ମଧ୍ୟରେ ବାଲିଗୁଡ଼ା ଡି ଏଫ୍ ଓ ଘନ ଶ୍ୟାମ ମହନ୍ତ, ଡି ଏସ ଏସ ଓ ପି ପଦ୍ମା,ଫୁଲବାଣୀ ରେଞ୍ଜର ଆଶଲତା ଦିଗାଲ, ସୁଡ଼ୁରୁ କୁମ୍ଭ ରେଞ୍ଜର ମାନସ ରଞ୍ଜନ ସାହୁ, ଫିରିଙ୍ଗିଆ ରେଞ୍ଜର ପ୍ର ଦୋଷ କୁମାର ମହାରଣା, ରାଇକିଆ ରେଞ୍ଜର ଯୁଧିଷ୍ଠିର ବେହେରା, ଜି ଉଦୟଗିରୀ ସୁଶ୍ରୀ ମାଣିକେଶ୍ୱରୀ ପଟ୍ଟନାୟକ,କର ଡ, ଟିକାବାଲି ରେଞ୍ଜର ଙ୍କ ସମେତ ବନ ପାଳ ସରୋଜ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ଫୁଲବାଣୀ ଡି ଏଫ୍ ଓ ଭାବେ ପ୍ରତାପ କୋଟାପାଲି ଦାୟିତ୍ୱ ଗ୍ରହଣ କରିବା ର ବର୍ଷ ଟିଏ ମଧ୍ୟରେ ବନ ଖଣ୍ଡ ଅଧୀନ ରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ହୋଇପରିବା ସହ ବୃକ୍ଷ ରୋପଣ କରଯାଇ ନୁତନ୍ ଜଙ୍ଗଲ ସୃଷ୍ଟି ହୋଇପାରିଛି ଡି ଏଫ୍ ଓ ପ୍ରତାପ କୋଟା ପାଲି ଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା, ଓ ଅକ୍ଲାନ୍ତ ପରିଶ୍ରମ, ଯୋଗୁଁ ଚଳିତ ବର୍ଷ ଜଙ୍ଗଲ କୁ ନିଆଁ ଦାଉରୁ ରକ୍ଷା କରିବା ସହ ବନ୍ୟପ୍ରାଣୀ ମାନଂକ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଉଥିବା ଜଣାପଡିଛି

# ଜନଗଣନା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର

କଟକ,୧୦।୭ (ଆନିସ): ଜନଗଣନା–୨୦୨୭ର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର ଆଜି ସଫଳତାର ସହ ସମାପ୍ତ ହୋଇଛି । ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ଶ୍ରୀମତୀ ମିଲିତା ଦତ୍ତ ଓ ଜିଲ୍ଲା ଜନଗଣନା ନୋଡାଲ ଅଫିସର ଶ୍ରୀ ଦେବେନ୍ଦ୍ର କୁମାର ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ଜିଲ୍ଲା ଜନଗଣନା ହସ୍ତପୁସ୍ତିକାର ଉଦ୍ଦେଶ୍ୟ, କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଭୂମିକା ଓ ଦାୟିତ୍ୱ, ଗ୍ରାମ ନିର୍ଦ୍ଦେଶିକା ଅନୁସୂଚୀ, ସହର ନିର୍ଦ୍ଦେଶିକା ଅନୁସୂଚୀ, ଡିସିଏଚ୍‌ବି ମୋବାଇଲ୍ ଆପ୍‌ର ବ୍ୟବହାର ଏବଂ ଡିସିଏଚ୍‌ବି ପୋର୍ଟାଲରେ ତଥ୍ୟ ପ୍ରଦାନ ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶିବିରରେ ରାଜସ୍ୱ ନିରୀକ୍ଷକ (ଆରଆଇ), ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ), ଅମିନ, ଚାର୍ଜ ଅଫିସର ଏବଂ ଅତିରିକ୍ତ ଚାର୍ଜ ଅଫିସରମାନେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଲଜିତ ଦାସ ପ୍ରଶିକ୍ଷାର୍ଥୀମାନଙ୍କୁ ସୁଚାରୁରୂପେ ଜନଗଣନା କାର୍ଯ୍ୟ ସମ୍ପାଦନ ନିମନ୍ତେ ଆହ୍ୱାନ ଦେଇଥିଲେ । ସୂଚନାଯୋଗ୍ୟ, ସର୍ଭେ ସମୟରେ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପରିଦର୍ଶନ କରି ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ବିଦ୍ୟୁତ ଆଦି ବିଭିନ୍ନ ମୌଳିକ ସୁବିଧା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବେ । ଗ୍ରାମାଞ୍ଚଳ ପାଇଁ ୪୦୦ଟି ଏବଂ ସହରାଞ୍ଚଳ ପାଇଁ ୪୨୦ଟି ପ୍ରଶ୍ନର ତଥ୍ୟ ସଂଗ୍ରହ କରାଯିବ । ଏହି ସର୍ଭେ କାର୍ଯ୍ୟକ୍ରମ ଚଳିତ ବର୍ଷ ଜୁଲାଇ ୧୬ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରଶିକ୍ଷଣ ମାଧ୍ୟମରେ କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ଜନଗଣନା–୨୦୨୭ କାର୍ଯ୍ୟକୁ ସୁଚାରୁ, ନିର୍ଭୁଲ ଓ ସଫଳତାର ସହ ସମ୍ପାଦନ କରିବାରେ ସହାୟକ ହେବ ବୋଲି ଡେପୁଟି କଲେକ୍ଟର,(ଜନଗଣନା) ନୁରି ପରଭିନ ମତ ପ୍ରକାଶ କରିଛନ୍ତି ।



# କେନ୍ଦୁଝରର ଜୁଆଙ୍ଗ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ଲଜ୍ଜିତ କରିଛି: ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ

### ତୁରନ୍ତ ଆଦିବାସୀ ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇବାକୁ ଦାବୀ

### ପ୍ରଶାସନିକ ବିଫଳତା,ରାଜ୍ୟର ୧୩ଟି ଆଦିମ ଜନଜାତି ଅବହେଳିତ

### ନାବାଳିକା ଦୁଷ୍କର୍ମରେ ପିଡୀତାଙ୍କୁ ଭେଟିଲେ ପ୍ରତିନିଧି ଦଳ



କେନ୍ଦୁଝର,୧୦।୭ (ଆନିସ):ସୁଦୂର ତାମିଲନାଡୁରେ ଥିବା ଏକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ କେନ୍ଦୁଝର ଜିଲ୍ଲାର ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ବିଜେଡିର ତଥ୍ୟ ଅନୁସନ୍ଧାନକାରୀ ଦଳ । ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ହୋଇଥିବା ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଗୁରୁବାର ଦିନ କେନ୍ଦୁଝର ଜିଲ୍ଲରେ ତେଲକୋଇ,ବାଂଶପାଳ ଓ ହରିଚନ୍ଦନପୁର ଗସ୍ତ କରି ମୃତ୍ୟୁବରଣ କରିଥିବା ବାଳିକାଙ୍କ ପରିବାରବର୍ଗଙ୍କୁ ଭେଟିବା ପରେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କୁ ଭେଟିବା ସହିତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଏହାପରେ କେନ୍ଦୁଝର ରୋଟାରୀ କ୍ଲବ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରି କେନ୍ଦୁଝର ଜିଲ୍ଲାର ଦୁଇଗୋଟି ଘଟଣା ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା ଓ ୧୫ଜଣ ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଜାତୀୟ ନୁହେଁ ଆନ୍ତର୍ଜାତୀୟ ସ୍ତରରେ ଆଲୋଡନ ଖେଳାଇ ଦେଇଥିବାବେଳେ ପ୍ରଶାସନ କେନ୍ଦୁଝର ଜିଲ୍ଲାରେ ବିଫଳ ହୋଇଛି ବୋଲି ପ୍ରକାଶ କରିଥିଲେ । ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଗୁରୁତର ଭାବେ ନେଇ ତାଙ୍କ ଅନୁସୁଚିତ ଜାତି ଓ ଜନଜାତି ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇବା ପାଇଁ ବିଜେଡି ଦାବୀ କରିଛି । ରାଜ୍ୟରେ ଥିବା ୧୩ଗୋଟି ଆଦିମ ଜନଜାତି ଆଜି ବିଶେଷ ଭାବରେ ଅବହେଳିତ ଅବସ୍ଥାରେ ଥିବାବେଳେ କୁବେରପୁରୀ କେନ୍ଦୁଝରରେ ଦାରିଦ୍ର୍ୟ ସୀମା ଲଂଘନ କରିଛି । କେନ୍ଦୁଝର ଜିଲ୍ଲାର ଏହି ଜୁଆଙ୍ଗ ଜନଜାତିମାନଙ୍କ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ଜୁଆଙ୍ଗ ଉନ୍ନୟନ ସଂସ୍ଥା,ମନରେଗା ଯୋଜନା,ଭିବିଜି–ରାମଜି, ଜିବୀକା ମିଶନ,ବ୍ଲକ ପ୍ରଶାସନ,ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦି ବିଫଳ ହୋଇଥିବା କଥା ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲାର୧୪ଜଣ ଜୁଆଙ୍ଗ ବାଳିକା ଓ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରର ଜଣେ ବାଳିକାଙ୍କ ମଧ୍ୟରୁ ଅନେକ ଶିଶୁ ଅଛନ୍ତି, ଯେଉଁମାନେ ସ୍କୁଲ ଯିବା କଥା ସେମାନେ ଦାଦନ ଖଟିବାକୁ ଯାଇଥିବାବେଳେ କେତେ ଜଣ ଜୁଆଙ୍ଗ ଦାଦନ ଖଟିବାକୁ ଯାଇଛନ୍ତି,କେତେ ଜଣଙ୍କର ଶବ ଫେରିଛି, କେତେଜଣ ଚିକିତ୍ସିତ ହେଉଛନ୍ତି ଆଉ କେତେ ଜଣ ଅଛନ୍ତି ତାହା ରାଜ୍ୟବାସୀ ଜାଣିବାର ଅଧିକାର ଅଛି ବୋଲି ଶ୍ରୀ ଦାମବର୍ମା କହିଛନ୍ତି । ଡବଲ ଇଂଜିନ ସରକାର ପ୍ରତ୍ୟେକଟି କ୍ଷେତ୍ରରେ ବିଫଳ ହୋଇଛନ୍ତି ବୋଲି ସେ କହିଥିବାବେଳେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଶତକଡା ୯୦ପ୍ରତିଶତ ଜୁଆଙ୍ଗ ଗ୍ରାମକୁ ଯାଇନାହାନ୍ତି ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା ଅଭିଯୋଗ କରିଥିଲେ । ଜିତୁ ମୁଣ୍ଡା ଘଟଣା ସହ ଜୁଆଙ୍ଗଙ୍କ ମୃତ୍ୟୁ ପ୍ରମାଣିତ କରିଛି ଯେ, ରାଜ୍ୟରେ ଓ କେନ୍ଦୁଝର ଜିଲ୍ଲାରେ ବ୍ୟବସ୍ଥା ବିଫଳ ହୋଇଛି । କେବଳ ପ୍ରଚାରରେ ଦେଶ ବା ରାଜ୍ୟର ବିକାଶ ହୁଏ ନାହିଁ,ଏଥିପାଇଁ ନିଷ୍ଠା ଓ ଆଗ୍ରହ ଆବଶ୍ୟକ ବୋଲି ସେ କହିଥିବାବେଳେ ଜୁଆଙ୍ଗମାନଙ୍କୁ ବିକାଶର ଧାରାକୁ ତ୍ୱରାନ୍ୱିତ କରିବାକୁ ସେ ଦାବୀ କରିଥିଲେ । କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ ଯେ ଜୁଆଙ୍ଗ ଗାଁ ମାନଙ୍କୁ ସବୁଦିନିଆ ରାସ୍ତା ହେବା ଆବଶ୍ୟକ । ଅତୀତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସବୁଦିନିଆ ରାସ୍ତା ହୋଇଥିବାବେଳେ ଏବେ ବର୍ଷାରେ କଟ ଅଫ ହୋଇଥିବା ଗାଁ ଗୁଡିକ ପ୍ରତି ସରକାର ଦୃଷ୍ଟି ଦଇ ଯୁଦ୍ଧକାଳୀନ ଭାବରେ ରାସ୍ତା କରିବା ଆବଶ୍ୟକ । ବାଂଶପାଳ ବ୍ଲକର ରାଇଗୋଡା ଗ୍ରାମର ଜଣେ ୫ବର୍ଷର ନାବାଳିକାକୁ ଦୁଷ୍କର୍ମ କରି ହତ୍ୟା ଉଦ୍ୟମ କରିବା ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଘୋର ଉଦବେଗ ପ୍ରକାଶ କରି କହିଥିଲେ ଯେ, ପିଡୀତାଙ୍କୁ ଭେଟିବାକୁ ଏହି ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବାବେଳେ ବେଡ ଅଭାବରୁ ସେ ତଳେ ଚିକିତ୍ସିତ ହେଉଛନ୍ତି ବୋଲି ଦେଖିବାକୁ ପାଇଥିଲେ ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶ୍ରୀ ରାୟ କହିଥିଲେ ଯେ, ରାଜ୍ୟରେ ଏବେ ଆଇନଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଷୁଡି ପଡିଛି । ଏହୀ ସାମ୍ବାଦିକ ସମ୍ମିଳନୀରେ ସୋର ବିଧାୟକ ମାଧବ ଧଡା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ,ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର,ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ,ମୟୁରଭଞ୍ଜ ଜିଲ୍ଲାର ବରିଷ୍ଠ ବିଜେଡି ନେତା ଦେବାଶିଷ ମାରାଣ୍ଡି,ଧନୁର୍ଜୟ ସିଦ୍ଧୁ,ଜିଲ୍ଲା ଯୁବ ଜନତା ଦଳ ସଭାପତି ରାକେଶ ରାମ,ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ,ମୀନା ମାଝୀ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା କୋଷାଧକ୍ଷ ରକ୍ଷାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମୃତ୍ୟୁବରଣ କରିଥିବା ଜୁଆଙ୍ଗ ପରିବାରଙ୍କୁ ବିଜେଡି ପକ୍ଷରୁ ୨୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।


# ଭକ୍ତଙ୍କ ପାଇଁ ଉପଲବ୍ଧ ସମନ୍ୱିତ ଡିଜିଟାଲ ସେବା

ପୁରୀ, ୧୦।୭ (ଆନିସ): ଚଳିତ ରଥଯାତ୍ରା ପାଇଁ ସମନ୍ୱିତ ଡିଜିଟାଲ ସେବା ସମୂହ ଉପଲବ୍ଧ ଉଦ୍ଦେଶ୍ୟ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟୁ ଆର କୋର୍ଡ ଜାରି କରାଯାଇଛି।ଏହା ଦ୍ୱାରା ଶ୍ରଦ୍ଧାଳୁ ଓ ସାଧାରଣ ଲୋକ ବିଭିନ୍ନ ଅତ୍ୟାବଶ୍ୟକ ସେବା ପାଇବା ସହଜ ହୋଇ ପାରିବ।ରଥଯାତ୍ରା ର ସମସ୍ତ ଦୈନିକ ନୀତି କାନ୍ତିର ସବିଶେଷ ସୂଚନା, ନିକଟସ୍ଥ ପାନୀୟ ଜଳ ବିତରଣ କେନ୍ଦ୍ର ର ସୂଚନା, ନିକଟସ୍ଥ ଏଟିଏମ ର ଅବସ୍ଥିତି,ଗନ୍ତବ୍ୟ ସ୍ଥଳକୁ ସହଜରେ ପହଞ୍ଚିବା ପାଇଁ ମାର୍ଗ ମାନଚିତ୍ର ର ସହାୟତା, ନିକଟସ୍ଥ ପେଟ୍ରୋଲ ପମ୍ପ ର ସୂଚନା, ରେଲଷ୍ଟେସନ ସମ୍ବନ୍ଧୀୟ ସୂଚନା, ନିକଟସ୍ଥ ଡାକ୍ତରଖାନା ଏବଂ ଆଶୁ ଚିକିତ୍ସା କେନ୍ଦ୍ର ସମ୍ବନ୍ଧରେ ସୂଚନା, ନିକଟସ୍ଥ ପାର୍କିଂ ସ୍ଥଳର ସୂଚନା, ନିକଟସ୍ଥ ସାର୍ବଜନୀନ ଶୌଚାଳୟ ର ଅବସ୍ଥିତି, ହଜିଥିବା,ପ୍ରାପ୍ତ ଶିଶୁ ଓ ସାମଗ୍ରୀ ଅଭିଯୋଗ ପଞ୍ଜିକରଣ କିମ୍ବା ପ୍ରାପ୍ତ ଶିଶୁ, ସାମଗ୍ରୀ ସମ୍ପର୍କରେ ସୂଚନା, ଏକ ସ୍ପର୍ଶରେ ଜରୁରୀ ସହାୟତା ଓ ଆବଶ୍ୟକୀୟ ସେବା, ବସଷ୍ଟାଣ୍ଡ ସମ୍ପର୍କରେ ସୂଚନା, ନିକଟସ୍ଥ ସମସ୍ତ ସଚଳ ସେବା ସୂଚନା ଓ ଅପଡେଟ, ନିକଟସ୍ଥ ପୋଲିସ ସହାୟତା କେନ୍ଦ୍ର ସମ୍ପର୍କରେ ସୂଚନା ମିଳି ପାରିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ

### ମତ୍ସ୍ୟ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ଓ ସରକାରୀ ଯୋଜନାର ସଦୁପଯୋଗ ଉପରେ ଗୁରୁତ୍ୱ

କଟକ,୧୦।୭ (ଆନିସ): ଜାତୀୟ ମତ୍ସ୍ୟଚାଷୀ ଦିବସ ଅବସରରେ ଆଜି ସର୍ବେକ୍ଷଣ ଓ ମାନଚିତ୍ର ପ୍ରକାଶନ ସଂସ୍ଥାର ସମ୍ମିଳନୀ କକ୍ଷଠାରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ ନାୟକ ଓ ମଣ୍ଡଳ ସମବାୟ ନିରୀକ୍ଷକ ଶ୍ରୀ ରମେଶ ସ୍ୱାଇଁ ଓ ସଫଳ ମତ୍ସ୍ୟ ଉଦ୍ୟୋଗୀ ଶ୍ରୀ ସୌରଭ ବିଶ୍ୱାଳ ଯୋଗ ଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଉପ–ମତ୍ସ୍ୟ ନିର୍ଦ୍ଦେଶିକା ଶ୍ରୀମତୀ ବବିତା ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୫୭ ମସିହା ଜୁଲାଇ ୧୦ ତାରିଖ ଦିନ ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ସରକାରୀ ମାଛଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା । ଏହି ମହତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ପ୍ରତି ବର୍ଷ ରେ ଜୁଲାଇ ୧୦ ତାରିଖକୁ ସାରା ଭାରତରେ ଜାତୀୟ ମତ୍ସ୍ୟଜୀବୀ ଦିବସ ରୂପେ ପାଳନ କରାଯାଉଛି । ରାଜ୍ୟର ପ୍ରଗତି ଓ ବିକାଶରେ ମତ୍ସ୍ୟଜୀବୀ / ମତ୍ସ୍ୟଚାଷୀ / ମତ୍ସ୍ୟ ଉଦ୍ୟୋଗୀ / ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମତ୍ସ୍ୟ ସହ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ଅବଦାନକୁ ସ୍ମରଣ କରିବା ସହ ଆଧୁନିକ ଜ୍ଞାନ କୌଶଳର ପ୍ରସାର ଓ ପରିବେଶକୁ ସୁରକ୍ଷିତ ରଖିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ସମ୍ପର୍କରେ ମତ୍ସ୍ୟଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏଥିସହ ଜିଲ୍ଲାର ୫୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲାର ଅଗ୍ରଣୀ ମତ୍ସ୍ୟଚାଷୀ ଓ ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଶ୍ରୀମତୀ ସଞ୍ଜନା ସାମଲ, ସହକାରୀ ମତ୍ସ୍ୟ ଅଧିକାରୀ,ମୁଖ୍ୟ କାର୍ଯ୍ୟାଳୟ ଧନ୍ୟବାଦ ଅର୍ପଣ କରିଥିଲେ ।



# ‘ଭାରତୀୟ ଜ୍ଞାନ ପରମ୍ପରାରେ ପରିବେଶ ବିଜ୍ଞାନ’ ଆଲୋଚନା ଚକ୍ର

ବିଂଝାରପୁର, ୧୦।୭ (ଆନିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ‘‘ଭାରତୀୟ ଜ୍ଞାନ ପରମ୍ପରାରେ ପରିବେଶ ବିଜ୍ଞାନ’’ ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଶୁକ୍ରବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ଗବେଷଣା ଓ ପରିବେଶ ସଚେତନତାର ସମନ୍ୱୟ ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବୁଦ୍ଧିଜୀବୀ ମହଲରେ ବେଶ୍ ପ୍ରଶଂସିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ବ୍ରଜ କିଶୋର ସାହୁ ସଭାପତିତ୍ୱ କରିଥିବା ବେଳେ ଖଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଓଡିନ କର୍ଣ୍ଣେଲ ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି, କିସ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ପ୍ରାଣୀ ବିଜ୍ଞାନ ସହକାରୀ ପ୍ରାଧ୍ୟାପକ ଡ଼. ଦେବାଶିଷ



ମହାପାତ୍ର ସମ୍ମାନିତ ଅତିଥି ଏବଂ ଅନୁଗୁଳ ସରକାରୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼. ଗୌରୀ ଶଙ୍କର ଯୁଗ ପ୍ରକାଶ ଜେନା ମୁଖ୍ୟ ବକ୍ତାଭାବେ ଯୋଗଦାନ କରିଥିଲେ।

ଖରସ୍ରୋତା ମହାବିଦ୍ୟାଳୟର ଆଇକ୍ୟୁଏସି ପକ୍ଷରୁ ଆୟୋଜିତ ଏହି ଆଲୋଚନା ଚକ୍ରରେ ସଂଯୋଜକ ଡ଼. ଅରୁଣ କୁମାର ସାମଲ, ଡ଼. ଗାୟତ୍ରୀ ଧଳ, ବୈଭବ ନାୟକ, ରୁପାଲୀ ମହାରଣା ଓ ଡ଼. ଦୀପ୍ତି ରଞ୍ଜନ ସେନାପତି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନାର ଦାୟିତ୍ୱ ସଫଳତାର ସହ ନିର୍ବାହ କରିଥିଲେ।

ଏହି ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ପାଖାପାଖି ୧୦ଟି ମହାବିଦ୍ୟାଳୟର ବହୁ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦାନ କରି ସେମାନଙ୍କର ଗବେଷଣାଭିତ୍ତିକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଭାରତୀୟ ଜ୍ଞାନ ପରମ୍ପରାରେ ପରିବେଶ ସଂରକ୍ଷଣର ଗୁରୁତ୍ୱ, ବର୍ତ୍ତମାନ ସମୟର ପ୍ରାସଙ୍ଗିକତା ଓ ସମାଜ ପ୍ରତି ଏହାର ଅବଦାନ ସମ୍ପର୍କରେ ବକ୍ତାମାନେ ବିସ୍ତୃତ ଆଲୋଚନା କରିଥିଲେ।

ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ପତି, ମୀନ କେତନ ତ୍ରିପାଠୀ, ସୁବାଷ ସାହୁ, ସୁରେନ୍ଦ୍ର ସାମଲ, ଗଗନ ବେହେରା, ଦେବବ୍ରତ ଧଳ, ଚିତ୍ତ ରଞ୍ଜନ ସାହୁ, ଜଳଧର ସାହୁ, ରଜତ ସାହୁ, ବିବେକ ମେହେର, ଶରତ ରାଉଳ, ଯୋଗେନ୍ଦ୍ର ସୁତାର, ରୋଜାଲିନ କୁଆଁର, ଜ୍ୟୋତିପ୍ରଭା ମହାନ୍ତି, ଅର୍ପିତା ସ୍ୱାଇଁ ଓ ଶୁଚିସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ରୁପାଲୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ସୁପ୍ରସିଦ୍ଧ ବାରିପଦା ରଥଯାତ୍ରା

ରଥ ଓ ଯାତ୍ରା ଏହି ଦୁଇଟି ଶବ୍ଦର ମିଳନରେ ରଥଯାତ୍ରା ଶବ୍ଦ ସୃଷ୍ଟି । ରଥ' ର ଅର୍ଥ ହେଲା ଏକ ଉପବେଶନ ଯାତ୍ରା ଏବଂ ଯାତ୍ରା ଅର୍ଥ ହେଲା ଭ୍ରମଣ କରିବା । ଶାସ୍ତ୍ରାନୁସାରେ ଏହା କେବଳ ଦେବ ବିଗ୍ରହମାନଙ୍କ ପାଇଁ ବ୍ୟବହୃତ । ଏକପ୍ରକାର ଯାନ ପ୍ରାଚୀନ କାଳରେ ଦେବବିଗ୍ରହମାନଙ୍କ ଦ୍ୱାରା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ଓ ପ୍ରତ୍ୟାଗମନ କରିବା ପାଇଁ ଯେଉଁ ରଥକୁ ବ୍ୟବହାର କରାଯାଉଥିଲା, ସାଧାରଣରେ ତାହାକୁ ରଥଯାତ୍ରା କୁହାଯାଉଥିଲା। କିନ୍ତୁ ପୁରାଣରେ ଏହାର ବ୍ୟବହାର ବିଷୟରେ ଉଲ୍ଲିଖିତ ରହିଥିବା ବେଳେ ଐତିହାସିକ ଯୁଗରେ ରାଜା ମହାରାଜାମାନେ ମଧ୍ୟ ରଥ ବ୍ୟବହାର କରୁଥିଲେ । ଏନେଇ ଅନେକ ଇତିହାସ, ପୁରାଣ ଏବଂ କିମ୍ବଦନ୍ତୀ ରହିଛି, ଏହାକୁ ନେଇ ଅନେକ ସମୟରେ ଆଲୋଚନା ମଧ୍ୟ କରାଯାଇଛି । ତେବେ ଉତ୍କଳୀୟ ଐତିହ୍ୟ ଓ ସଂସ୍କୃତି ଅନୁସାରେ ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀଠାରେ ପାଳିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସ୍ୱତନ୍ତ୍ରତା ବଜାୟ ରଖିଥିବା ବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ମୟୂରଭଞ୍ଜ, ବାରିପଦାର ରଥାଯାତ୍ରା ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହା ପଛରେ ଅନେକ ଇତିହାସ ଓ ପୁରାଣ/କିମ୍ବଦନ୍ତୀ ରହିଛି ।

ମୟୂରଭଞ୍ଜର ଇତିହାସ/ପୁରାଣ/କିମ୍ବଦନ୍ତୀ କୁହେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅନ୍ୟତମ ଭକ୍ତ ଥିଲେ ପରମ ଧାର୍ମିକ ପ୍ରଜାବତ୍ସଳ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ । ପୁରୀ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ପରିକଳ୍ପନାରେ ନିଜ ରାଜ୍ୟ ମୟୂରଭଞ୍ଜର ବାରିପଦାଠାରେ ଶ୍ରୀମନ୍ଦିର ନିର୍ମାଣ କରି ଚତୁର୍ଦ୍ଧା ମୂର୍ତ୍ତି ପ୍ରତିଷ୍ଠା ପାଇଁ ସ୍ୱପ୍ନାଦେଶ ହୋଇଥିଲା । ସ୍ୱପ୍ନକୁ ସାକାର କରିବା ପାଇଁ ୧୫୬୫ରେ ମନ୍ତ୍ରୀ ପରିଷଦ, ସୈନ୍ୟସାମନ୍ତ ନେଇ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଗମନ କଲେ । ଶ୍ରୀମନ୍ଦିର ପହଞ୍ଚିବା ପୂର୍ବରୁ ଅଠରନଳା ନିକଟରେ ତତ୍କାଳୀନ ଗଜପତି ମହାରାଜାଙ୍କ ସୀମାନ୍ତ ରକ୍ଷୀବୃନ୍ଦ ରାଜା ଶ୍ରୀଭଞ୍ଜଙ୍କୁ ଅଟକାଇ ଶ୍ରୀକ୍ଷେତ୍ରକୁ ପ୍ରବେଶ ପାଇଁ ବାରଣ କଲେ । ପୁରୀ ଗଜପତିଙ୍କ ବିନା ଆଦେଶରେ ଶ୍ରୀମନ୍ଦିର ପ୍ରବେଶ ନିଷେଧ ବୋଲି କହିଲେ । ମାତ୍ର ଗଜପତି ମହାରାଜଙ୍କ ଅନୁମତି ପାଇ ଦୁଃଖ ପ୍ରକାଶ କଲେ, ଏକା ପ୍ରଭୁଙ୍କୁ ଦର୍ଶନ କରିବାକୁ ମାନ କରି ଅଠରନଳାଠାରେ ମହାପ୍ରଭୁଙ୍କ ଉପାସନା ପୂର୍ବକ ଧ୍ୟାନ ଓ ଧାରଣା ଦେଲେ ଏବଂ ମହାପ୍ରଭୁ ତାଙ୍କୁ ଦର୍ଶନ ଦେଇ ବାରିପଦାଠାରେ ଏକ ଶ୍ରୀମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଆଜ୍ଞା ଦେଲେ । ଶ୍ରୀଜଗନ୍ନାଥ ସ୍ୱୟଂ ପ୍ରତ୍ୟହ ପୂଜାର୍ଚ୍ଚନା ପାଇଁ ବାରିପଦା ମନ୍ଦିରରେ ବିଜେ କରିବେ ଏବଂ ତିନିରଥ ନିର୍ମାଣ କରି ରଥଯାତ୍ରା ସମ୍ପନ୍ନ କରିବା ପାଇଁ ମଧ୍ୟ ଆଜ୍ଞା ଦେଲେ । ମହାଆନନ୍ଦରେ ଭକ୍ତି ଗଦ୍‌ଗଦ ଚିତ୍ତରେ ମହାରାଜା ସୈନ୍ୟସାମନ୍ତ ଓ ପାରିଷଦଙ୍କୁ ଧରି ସେଠୁ ଫେରିଲେ । ୧୫୬୮ରେ ଏକ ଶୁଭଲଗ୍ନରେ ମନ୍ଦିର ଗଢ଼ା କାର୍ଯ୍ୟରେ ଯଜ୍ଞ, ପୂଜାପାଠ, ହୋମ ଆଦି ସମ୍ପନ୍ନ କରି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ୧୫୭୫ରେ ଶେଷ କରିଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ବଂଗର ନବାବ ସୁଲେମାନ କରାନୀଙ୍କ ଭଗ୍ନୀପତି କାଳାଚାନ୍ଦ ରାୟ ଓଡ଼ିଶା ଆକ୍ରମଣ କରି ଦେବପୀଠ, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ବହୁବିଧ କ୍ଷତି କରିଥିବା ହେତୁ ପୂଜାପାଠ, ରଥଯାତ୍ରା ଆଦି ୧୫୬୮ ରୁ ୧୫୮୦ ପର୍ଯ୍ୟନ୍ତ ପୁରୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବନ୍ଦ ଥିଲା । ମାତ୍ର ଏହି ସମୟ ମଧ୍ୟରେ ବାରିପଦାଠାରେ ରଥଯାତ୍ରାର ଶୁଭାରମ୍ଭ କରାଯାଇଥିଲା, ଯେଉଁ ସମୟରେ କି ସମଗ୍ର ଉତ୍କଳ ଆଫଗାନ ପଠାଣମାନଙ୍କ ଶାସନାଧୀନ ଥିଲା ।

୧୫୭୫ରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଆଷାଢ଼ ଦ୍ୱିତୀୟା ତିଥିରେ ବିଗ୍ରହ ପ୍ରତିଷ୍ଠା କରାଗଲା ଓ ପୂର୍ବ ନିର୍ଦ୍ଦେଶାନୁଯାୟୀ ମହାପ୍ରଭୁଙ୍କ ନାମ ଶ୍ରୀ ଶ୍ରୀହରିବଳଦେବ ଜୀଉ ବିଜେ, ବାରିପଦା ରଖାଗଲା । ସ୍ୱପ୍ନାଦେଶନୁଯାୟୀ ଶ୍ରୀହରିବଳଦେବ ଜୀଉଙ୍କ ସହିତ ବିଜେ ଶବ୍ଦ ଯୋଗ କରାଗଲା । କିନ୍ତୁ ଶ୍ରୀକ୍ଷେତ୍ର ରଥଯାତ୍ରା ଆଧାରରେ ଏଠାରେ ସବୁ ରୀତିନୀତି ପାଳିତ ହେଉଥିବାରୁ ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଲାଭ କଲା । ରଥଯାତ୍ରା ସମୟରେ ଘଣ୍ଟଘଣ୍ଟା, ଭେରୀ, ତୂରୀ, କାହାଳୀ ଧ୍ୱନୀରେ ଗଗନପବନ ପ୍ରକମ୍ପିତ ହେବା ସହିତ ଢୋଲ, ଧୂମ୍ପା, ମାଦଳ, ମୃଦଙ୍ଗ ଓ କରତାଳରେ ବଡ଼ଦାଣ୍ଡ ମୁଖରିତ ହେଉଥିଲା । ଆଦିବାସୀ ସମ୍ପ୍ରଦାୟର ସ୍ତ୍ରୀଲୋକମାନେ ସାମ୍ପ୍ରଦାୟିକ ବେଶଭୂଷା ପିନ୍ଧି ମହାଆନନ୍ଦରେ ନାଚଗୀତ କରି ରଥକୁ ସ୍ୱାଗତ କଲେ । ଏହି ସମୟରେ ସୁସଜ୍ଜିତ ହାତୀ ପିଠିର ପଲାଣ ଉପରେ ବିଜେ କରିଥିଲେ ଭକ୍ତପ୍ରବର ରାଜା ବୈଦ୍ୟନାଥ ଭଞ୍ଜଦେଓ ସୁସଜ୍ଜିତ ଅଶ୍ୱରେ ରାଜନ୍ୟ ପାରିଷଦବର୍ଗ ଆରୋହଣ କରି ଶ୍ରୀହରିବଳଦେବ, ମା' ସୁଭଦ୍ରା, ଚକ୍ର ସୁଦର୍ଶନଙ୍କ ଜୟଧ୍ୱନି ଦେଲାବେଳେ ଭକ୍ତରାଜା ବୈଦ୍ୟନାଥ ଦେଓ ଜୟଧ୍ୱନି ଦେବାକୁ ଭୁଲି ନଥିଲେ । ଯେଉଁଥିପାଇଁ ମୟୂରଭଞ୍ଜବାସୀଙ୍କ ଘରେ ଘରେ ଜଗନ୍ନାଥ ସଂସ୍କୃତିର ପ୍ରଭାବ ପ୍ରତିଫଳିତ ହୋଇ ଭକ୍ତିସ୍ରୋତରେ ପ୍ରବାହ ପାଇଁ ଭକ୍ତରାଜା ବୈଦ୍ୟନାଥ ଭଞ୍ଜଦେୟଙ୍କୁ 'ଭଞ୍ଜଭୂମି ଭାସ୍କର' ବୋଲି ଅଭିହିତ କରାଯାଏ ।

ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପହଣ୍ଡି ବିଜେଠାରୁ ଆରମ୍ଭ କରି ତିନିରଥର ଶ୍ରୀଗୁଣ୍ଡିଚା ଯାତ୍ରା ପର୍ଯ୍ୟନ୍ତ ଗୋଟିଏ ଦିନରେ ଅନୁଷ୍ଠିତ ହେଉଥିବା ବେଳେ ରଥଟଣା ସେହିଦିନ ଅନୁଷ୍ଠିତ ନହୋଇ ପର ଦୁଇଦିନ ବ୍ୟାପୀ ବାରିପଦାରେ ରଥଟଣା ଚାଲେ । ରଥଟଣାର ପ୍ରଥମ ଦିନରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀ ମା' ଗୁଣ୍ଡିଚା ଦେବୀଙ୍କ ମନ୍ଦିର ପର୍ଯ୍ୟନ୍ତ ଟଣା ହୋଇଥାଏ ଓ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥାଟଣା ହୋଇ ଅଧା ରାସ୍ତାରେ ରଖାଯାଇଥାଏ ଦ୍ୱିତୀୟ ଦିନରେ ପ୍ରଥମେ ଶୁଭଦ୍ରାଙ୍କ ରଥକୁ ଅବଶିଷ୍ଟ ପଥ ଟଣାଯାଇ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚାଇ ଦିଆଯାଏ କିନ୍ତୁ ଏହିଦିନ ଶ୍ରୀଜଗନାଥ/ ଶ୍ରୀହରିବଳଦେବ ରଥକୁ ସଂପୂର୍ଣ୍ଣ ଭାବରେ ମନ୍ଦିରଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଟଣାଯାଏ । ମାତ୍ର ଅନ୍ୟ ନୀତିନିୟମ ସବୁ ଶ୍ରୀକ୍ଷେତ୍ର ନୀତିନିୟମ ଓ ନିର୍ଘଣ୍ଟ ଅନୁଯାୟୀ ସମ୍ପନ୍ନ ହୋଇଥାଏ । ଏହି ଦିବସରେ ଯେଉଁ ନିଆରା ପରମ୍ପରା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ବିଶ୍ୱପ୍ରସିଦ୍ଧ ଲାଭ କରିଛି, ତାହା ହେଲା ମା' ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ୧୯୭୫ରୁ କେବଳ ମହିଳାମାନେ ଟାଣିବା ପାଇଁ ସୁଯୋଗ ଦିଆଗଲା । ସେବେଠୁ ପ୍ରତିବର୍ଷ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣିବାର ସୌଭାଗ୍ୟ ଲାଭ ପାଉଛନ୍ତି । ପୁରୀର ରଥଯାତ୍ରା ପରମ୍ପରାକୁ ସମ୍ମାନ ଦେଇ ଏଠାକାର ତିନିରଥର ଉଚ୍ଚତା କମ୍ ରଖାଯିବା ସହ ଉଭୟ ଶ୍ରୀଗୁଣ୍ଡିଚା ଏବଂ ବାହୁଡ଼ାରେ ରଥଟଣା ଦୁଇ ଦିନ ଧରି ହୁଏ । ତେବେ ସବୁଠାରୁ ବଡକଥା ହେଲା, ମା' ସୁଭଦ୍ରାଙ୍କର ରଥଟାଣିବା ପାଇଁ ରାଜ୍ୟ ବାହାରୁ ବହୁ ଭକ୍ତ ଶ୍ରଦ୍ଧାଳୁ ମହିଳାମାନେ ଏଥିରେ ଅଂଶଗ୍ରହଣ କରି ନିଜକୁ ଧନ୍ୟ ମନେ କରନ୍ତି । ଆଉ ଏକ ସ୍ୱତନ୍ତ୍ରତା ଦେଖିବାକୁ ମିଳିଥାଏ, ଭକ୍ତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ରଥକୁ ଟାଣିଟାଣି ଆଣି ମାଉସୀ ଘରେ ପହଞ୍ଚାଇଥା'ନ୍ତି । ତେବେ ସେମାନଙ୍କୁ ନିରାଶ ନକରିବା ଉଦ୍ଦେଶ୍ୟରେ ରଥ ଉପରୁ ଫୋପଡ଼ା ଯାଇଥାଏ ଶ୍ରଦ୍ଧାଳଡୁ ଏହାକୁ ପାଇବା ପାଇଁ ଭକ୍ତ ଶ୍ରଦ୍ଧାଳୁମାନେ ପାଗଳ ହୋଇପଡ଼ିଥାନ୍ତି । ଏହିଭଳି ଏକ ଆଧାତ୍ମିକ ତଥା ପାରମ୍ପରିକ ମହୋତ୍ସବ ବାରିପଦାର ବଡ଼ଦାଣ୍ଡରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଜନସମୁଦ୍ରରେ ପରିଣତ ହୋଇପଡ଼େ ।

**ଦଶରଥ ହେମ୍ବ୍ରମ୍**
**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର**

# ଶ୍ରୀଜଗନ୍ନାଥ ସଂସ୍କୃତିରେ ରଥ ଓ ପଥର କିମ୍ବଦନ୍ତୀ



ଶ୍ରୀଜଗନ୍ନାଥ ସଂସ୍କୃତିର ଶିଳ୍ପସାର ସଂଗ୍ରହ ପୋଥିରେ ୨ୟ ଖଣ୍ଡରେ ରଥର ମୂଳରୁ ଚୂଳ ପର୍ଯ୍ୟନ୍ତ ମୋଟ ୨୭ ଭାଗ କରାଯାଇଛି। ପ୍ରତ୍ୟେକ ଭାଗକୁ ଚଉଠା ଓ ଚଉଠା ଦେଢ଼ ଭାଗକୁ ଅଙ୍ଗୁଳ ବା କଳା କୁହାଯାଏ। ରଥର ତଳ ଚକଡାର ଦୈର୍ଘ୍ୟ ୨୭ ଚଉଠା। ଏହି ଚକଡାକୁ ୯ ଭାଗ କରି ୧୦ ଧାରଣା ପକାଯାଏ। ପ୍ରଥମ ୬ ଧାରଣାର ଲମ୍ବ ୨୭ ଚଉଠା, ୨ୟ ଧାରଣାର ଲମ୍ବ ୨୧ ଚଉଠା ଓ ୩ୟ ଧାରଣାର ଲମ୍ବ ୧୫ ଚଉଠା। ମୁହାଣର ଲମ୍ବ ୧୫ ଚଉଠା,କୁଡୁକାର ଲମ୍ବ ଧାରଣ ମହଲାକୁ ୩ ଚଉଠା, ଏପରି ଚାରି କୋଣରେ ୮ କୁଡୁକା ଦେବ। ବଡ଼ ଦୁଇ ଅଖ ଲମ୍ବ ୩୦ ଚଉଠା, ଛୋଟ ଦୁଇ ଅଖ ଲମ୍ବ ୨୪ ଚଉଠା। ଏହି ଏକ ଚଉଠାକୁ ୧୨ ଭାଗ କରାଯାଏ। ୧୭ ଚଉଠ ୮ ଅଙ୍ଗୁଳରେ ବଡ଼ ଅଖ ଦୁଇ ଗୋଟି ପୁଡା ଡାଇ ହାଣିବ। ଗୁଳିର ଉଚ୍ଚ ୫ ଚଉଠ ୮ ଅଙ୍ଗୁଳ ଗୁଳି ବହଳ ଛାଡି ଛାଡି ଅଖରେ କାନ କିଳା ବିନ୍ଧ କରିବ । ମୁହାଣକୁ ଗୁଳି ନିଶ୍ୱାସ ୮ ଅଙ୍ଗୁଳ ଛାଡି ଧାରଣାରେ ଅଖର କାବିଳା କଣ୍ଟା ବିନ୍ଧ କରିବ । ମୁହାଣ ମଖାଲକୁ ୮ ଚଉଠ ୪ ଅଙ୍ଗୁଳ ଛାଡି ବଡ଼ ଅଖ କାବିଳା ବିନ୍ଧ ଧାରଣାରେ କରିବେ । ୧୦ ବାହି ପ୍ରକାରେ ଗୋଜଫୁଲି କରି ଜଳନ୍ତରିଆ ଖୋଜ ବିନ୍ଧ କରିବ । ଧାରଣା ବାହି ଉପରେ ଜିଆ ୮ ଚଉଠରେ ନାଇକା ବିନ୍ଧ କରିବ। ନାଇକା ପାଖ ଜଳନ୍ତରିଆ ଖିଜ ୪ ଚଉଠ ୧୨ଅଙ୍ଗୁଳ ଉଚ୍ଚ ଖୁସି କରିବ । ଏଥି ଉପରେ ଛନ୍ଦା ପକାଇବ। ଚକଡା ଚାରିପାଖ ଧାରଣାକୁ ଛନ୍ଦାକୁ ଟୀକା କରିବ। ଧାରଣା ଉପରଠାରୁ ଜିଆ ମିଶି ନାଇକା ୧୪ ଚଉଠ ରଖି ଖୁସି କରିବ। ସିଂହାସନର ଉଚ୍ଚ ୧୨ ଅଙ୍ଗୁଳ କରିବ। ଜିଆ ବହଳ ୧୨ ଆଙ୍ଗୁଳ କରିବ। ଓସାର ୧ ଚଉଠା ନାଇକା ଉପରେ ୮ଚଉଠାଇ ଚଉତାଳ କରିବ।

ପ୍ରଥମେ ଭୂଇଁ ଲଦିବ। ଭୂଇଁ ବହଳ ୫ ଅଙ୍ଗୁଳ ଫୁଲିଠାରୁ ଭୂଇଁ ଅଁଳା, ୨ ଚଉଠ ୪ ଅଙ୍ଗୁଳ। ଭୂଇଁ ମଖାଲ ସୂତାଠାରୁ ୨ ଅଙ୍ଗୁଳ ରଖି ଗୈ ହାଣିବ। ପାଖୁଡା ୩ ଚଉଠ ୪ ଅଙ୍ଗୁଳ, କୋଣ ପାଖୁଡା ୧ ଚଉଠ ୪ ଅଙ୍ଗୁଳ, ଫୁଲିଠାରୁ ୧ ଚଉଠ ଲେଖା ଛାଡି ଦୁଇ ପାଖୁଡା ବସାଇବ। ଏହି ପରି ଚାରିପାଖେ ୧୬ ଗୋଟି ପାଖୁଡା ମାରିବ। ଫୁଲିଠାରୁ ୧ ଚଉଠ ୨ ଅଙ୍ଗୁଳ ଲେଖାରେ ହଂସପାଦି ପକାଇ ୧ ଚଉଠ ଉଚ୍ଚରେ ଚଢ଼େଇ ଖୋଜ ବସାଇବ। ଏଥି ଉପରେ ପାଖୁଡା ହଂସ ପାଦି ମାରିବ। ଚାରି ପାଖେ ହାରାମାଳି ମାରିବ। ଏଥି ଉପରେ ୬ ଚଉଠରେ ବିନ୍ଧ କରି ୮ ଅଙ୍ଗୁଳ ଛାଡି ଓରା ପକାଇବ। ଏହ ପରେ ୨ୟ ଭୂଇଁ, ୨ୟ ପାଖୁଡା ମାରିବ। ଏପରି ଚାରିଦିଗେ ୧୨ ପାଖୁଡା ମାରିବ। ତୃତୀୟ ପୁର ଭୂଇଁ ଚଉତାଳ ୬ ଚଉଠରେ ବସିବ। ପ୍ରଥମେ ପଟଳ ଲମ୍ବ ୮ ଚଉଠ,ରାହା କାଟଣ ଶେଷଠାରୁ ୧୪ ଅଙ୍ଗୁଳ ଉଚ୍ଚ, ୨ୟ ରାହା ମଧ୍ୟ ୧୨ ଅଙ୍ଗୁଳ ଉଚ୍ଚରେ କାଟଣ ହେବ। ଏହି ପରି ଚାରିପାଖ ପଟଳ କରିବ। ପ୍ରଥମ ସାତପୁର ପଟଳ ଉଚ୍ଚ ୨ ଚଉଠ, ସାତପୁରରେ କୋଣ ଓରା ପକାଇ ପଟଳ ଲଦିବ। ପଟଳ ଭୂଇଁ ଉପରଠାରୁ ବଡ଼ ଖୋଜ ମଧ୍ୟ ଚୌତାଳରେ ୨ ଚଉଠ ୧୨ ଅଙ୍ଗୁଳ ରଖି ବସାଇବ। ଏଥି ଉପରେ ପାରାଭାଡି ଭୂଇଁ ୩ ଚଉଠ ୮ଅଙ୍ଗୁଳରେ ଚଉତାଳ କରି ବସାଇବ। ପ୍ରଥମ ସାତପୁର ପଟଳ ଉପରେ ପଟଳ ଭୂଇଁ ଲଦା ହେବ। ୨ୟ ରାହା ୨ ଅଙ୍ଗୁଳ ଲେଖାରେ ପୁରକୁ ପୁର ସାତପୁର କାଟିବ। ୨ୟ ସାତପୁର ପଟଳ ୨ ଚଉଠ କରିବ। ଏଥି ଉପରେ ୧ ଚଉଠ ଉପରେ ମାଙ୍କଡ଼/ଛନ୍ଦା ଦୁଇଗୋଟି ଚଉତାଳ କରି ପକାଇବ। ଦଧିନଉତି ୨ ଚଉଠ ଉଚ୍ଚରେ ମାଙ୍କଡ଼ଛନ୍ଦା ଉପରେ କଳସ ଚକ୍ର ପତାକା ହେବ । କଳଶା ଶିଖାଠାରୁ ପାରାଭାଡି ଭୂଇଁ ତଳ ପର୍ଯ୍ୟନ୍ତ ଦଖିନଉତି ଖୋଜ ହେବ।

ରଥପାଦ ଦେଶରୁ ଶୀର୍ଷଦେଶ ପର୍ଯ୍ୟନ୍ତ ଥିବା ଅଂଶଗୁଡ଼ିକ ମଧ୍ୟରେ ଚକ, ଦଣ୍ଡିଆ,ଅର,ବାଙ୍କି ହଂସପଟା, କଣି, ଶଙ୍ଖଦ୍ୱାର, ଜାଲି, ଗାଇପଟା, ସିଂହାସନ, କନକ ମୁଣ୍ଡେଇ, ଭୂମି, ଷୋଳ ନାହକ, ମଗରଦଣ୍ଡା, ବସନ୍ତ,ଦୁଆରଘୋଡ଼ା, ସାରଥୀ ପୀଢ଼, କୁମ୍ଭପଟି, ରାହୁପଟି, ଆଠ ନାହାକା, ପୀଢ଼, ରଷିପଟା, ଦଣ୍ଡା, ପାରାଭାଡି, ଖପୁରୀ, ପାଦ, ଓଲଟ, ଶୁଆ,ଦଧିନଉତି, କଣ୍ଠି, ଦଣ୍ଡ, ଚକ୍ର ଓ କେତନ । ଶିଳ୍ପ ଶାସ୍ତ୍ରାନୁଯାୟୀ ରଥର ଅଙ୍ଗ ଗୁଡିକୁ ସାଧାରଣତଃ ୧୩ଟି ମୁଖ୍ୟ ଅଙ୍ଗରେ ବିଭକ୍ତ କରାଯାଇଛି। ଯଥା– (୧) ଚକ୍ରପୀଠ, (୨) ଅରଦଣ୍ଡା,(୩)ଗଗରା,(୪) ମୂଳନାଭ,(୫) ବରାଣ୍ଡି,(୬) ହଂସପଟା, (୭) ରଥଗର୍ଭ,(୮) ପାରାଭାଡି,(୯) କଳସ ପୀଠ, (୧୦) ଦଧିନଉତି, (୧୧) କର୍ଣ୍ଣଅଳା,(୧୨) ଧାତୁ କଳସ ଓ (୧୩) ଆୟୁଧ ଧ୍ୱଜା। ତେବେ ଆସନ୍ତୁ ଜାଣିବା ଏହି ରଥର ପୁଙ୍ଖାନୁପୁଙ୍ଖ ବିଷୟରେ।

ନନ୍ଦିଘୋଷ ରଥ – ନନ୍ଦିଘୋଷ ବା ଗରୁଡ଼ଧ୍ୱଜ ବା କପିଳଧ୍ୱଜ ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି ।

ମୋଟ ୭୪୨ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୬ଟି ଚକ (ବିଷ୍ଣୁସିଦ୍ଧ, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆଶକ୍ତ, ରତି, କେଳି, ସତ୍ୟ, ସୁଷୁପ୍ତି, ଜାଗୃତି, ତୁରୀୟ, ଆମ, ନିର୍ବାଣ) ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ। ସାରଥି: ଦାରୁକ । ରଥର ଦଉଡ଼ି: ଶଙ୍ଖଚୂଡ଼ । ପରମ୍ପରା ମୁତାବକ ଧଳାରଙ୍ଗର ଚାରୋଟି ଘୋଡ଼ା (ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ) ସ୍ଥାପନ କରାଯାଏ । ଏହାର ପତାକା ଗରୁଡ଼ ଚିହ୍ନାଙ୍କିତ । ଧ୍ୱଜପମୂର୍ତ୍ତି: ପଞ୍ଚମୁଖୀ ହନୁମାନ । ନାଲି ଓ ହଳଦିଆ ରଙ୍ଗର କପଡ଼ାରେ ରଥାବରଣ କରାଯାଏ। ନନ୍ଦିଘୋଷରେ ହରିହର, ପଣ୍ଡୁ ନୃସିଂହ, ଗିରିଧର, ଷଡ଼ଭୁଜ ଚିନ୍ତାମଣି କୃଷ୍ଣ, ଚତୁର୍ଭୁଜ ନାରାୟଣ, ସପ୍ତଫେଣ ସର୍ପରେ ଆସୀନ ମଧୁସୂଦନ ବା ବିଷ୍ଣୁ, ଲକ୍ଷ୍ମଣ, ପଞ୍ଚମୁଖୀ ମହାବୀର ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି ।

ଦର୍ପଦଳନ ରଥ – ଦର୍ପଦଳନ ବା ପଦ୍ମଧ୍ୱଜ ବା ଦେବଦଳନ ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି । ମୋଟ ୭୧୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୪ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୮ ଇଞ୍ଚ । ସାରଥି: ଅର୍ଜୁନ । ରଥର ଦଉଡ଼ି: ସ୍ୱର୍ଣ୍ଣଚୂଡ଼ । ଧ୍ୱଜପମୂର୍ତ୍ତି: ଜୟଦୁର୍ଗା । ପରମ୍ପରା ମୁତାବକ ନାଲି ଚାରୋଟି ଘୋଡ଼ା (ରୋଚିକା, ମୋଚିକା, ଜିତା, ଅପରାଜିତା) ସ୍ଥାପନ କରାଯାଏ । ନାଲି ଓ କଳା ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ଦର୍ପଦଳନରେ ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ(ଶବରୂଢ଼ା ଚତୁର୍ଭୁଜା), ବନଦୁର୍ଗା ବା କଣ୍ଟକାଢ଼ି, କାତ୍ୟାୟନୀ (ଅଷ୍ଟଭୁଜା ଦୁର୍ଗା), ହରଚଣ୍ଡୀ, ରାମଚଣ୍ଡୀ (ଅଷ୍ଟଭୁଜା ଓ ବାମହାତ କାଣି ଆଙ୍ଗୁଠିକୁ ପାଟିରେ ଚୁଚୁମିଛନ୍ତି), ଅଘୋରା ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ରଥର ୧୬ ଚକ ଷୋଳକଳାର, ବଳଭଦ୍ରଙ୍କର ୧୪ ଚକ ଚତୁର୍ଦ୍ଦଶ ମନ୍ୱନ୍ତରର ଓ ସୁଭଦ୍ରାଙ୍କ ୧୨ ଚକ ବାରମାସର ଦୃଷ୍ଟି ଆକର୍ଷଣ କରିଥାଏ । ତିନି ରଥର ଦଧିନଉତି : ହିରଣ୍ୟଗର୍ଭ, ହିରଣ୍ମୟୀ, ଭୁବନକୋଷ । ଏହି ତିନି ଦଧିନଉତି ଉପରେ ମୋଟ ୯ଟି ପିତଳ କଳସ (ନଭ, ଆକାଶ, ବ୍ୟୋମ, ପରା, ଅପରା, ବୈଖାରୀ, ଚନ୍ଦ୍ର, ସୂର୍ଯ୍ୟ, ବିଦ୍ୟୁତ) ସ୍ଥାପନ କରାଯାଏ ।

ତାଳଧ୍ୱଜ ରଥ – ତାଳଧ୍ୱଜ ବା ଲଙ୍ଗଳ ଧ୍ୱଜ ରଥରେ ବଳଭଦ୍ରଙ୍କ ସହ ରାମକୃଷ୍ଣ ବିଜେ କରନ୍ତି। ମୋଟ ୭୩୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ଅଟେ । ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୬ ଇଞ୍ଚ। ଦଧିନଉତି: ହିରଣ୍ମୟୀ। ସାରଥି: ମାତଳୀ । ରଥର ଦଉଡ଼ି: ବାସୁକୀ । ପରମ୍ପରା ମୁତାବକ କଳା ରଙ୍ଗର ଚାରୋଟି ଘୋଡ଼ା ଘୋଡ଼ା (ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ) ବା (ସ୍ଥିରା, ଧୃତି, ସ୍ଥିତି ଏବଂ ପ୍ରଜ୍ଞା) ବା (ଶଙ୍ଖ,ସୁଚିତ୍ର, ଅଙ୍ଗଦ ଏବଂ ମେଘନାଦ) ସ୍ଥାପନ କରାଯାଏ। ଧ୍ୱଜପମୂର୍ତ୍ତି: ଲକ୍ଷ୍ମୀନୃସିଂହ । ନାଲି ଓ ସବୁଜ ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ତାଳଧ୍ୱଜ ରଥରେ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନୃତ୍ୟ ଗଣପତି, ଲକ୍ଷ୍ମଣଙ୍କୁ ବହନ କରିଥିବା ଅଙ୍ଗଦ, ନାଟାମ୍ବର (ବୃଷଭ ଉପରେ ନୃତ୍ୟରତ ଶିବ), କାର୍ତ୍ତିକେଶ୍ୱର, ମଧୁକୈଟବଙ୍କ ସହ ବିଷ୍ଣୁଙ୍କ ଯୁଦ୍ଧ, ଅନନ୍ତବାସୁଦେବ ପାର୍ଶ୍ୱବଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି ।

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
**ଅରଙ୍ଗାବାଦ, ବରୀ, ଯାଜପୁର**

# ଦେବୀ

ପ୍ରତିଦିନ ଠାକୁର ପୂଜା କରିବା ପୂର୍ବରୁ, ସୂର୍ଯ୍ୟଙ୍କୁ ପାଣି ଢାଳିବାକୁ ତୁଳସୀ ମୂଳେ,ଛାତ ଉପରକୁ ଯାଆନ୍ତି ଅରୁଣା । ତୁଳସୀ ମୂଳେ, ସୂର୍ଯ୍ୟଙ୍କୁ ପାଣି ଢାଳୁ ଢାଳୁ ଚତୁଃପାର୍ଶ୍ୱରେ ଥିବା ଗଛରୁ ପକ୍ଷୀ ଖୋଜନ୍ତି । ଅନେକ ପକ୍ଷୀ ତ ଉଡ଼ିବୁଲନ୍ତି କିନ୍ତୁ ଅରୁଣା ଖୋଜୁଥାଆନ୍ତି ହଳଦୀ ବସନ୍ତକୁ । ତାକୁ ଦେଖିଦେଲେ, ମନରେ ଶାନ୍ତି, ହୃଦୟରେ ପବିତ୍ରତା ଓ ଆଖିରେ ଆସେ ଅଶ୍ରୁ । ପୂଜା କଲାବେଳେ ଶୁଭ ପକ୍ଷୀର ଦର୍ଶନ ପୁଣି ସ୍ୱାମୀ, ପୁଅ, ଝିଅ, ଜୋଇଁ,ବୋହୂ, ନାତୁଣୀ, ଆସିବାକୁ ଥିବା ନାତି ନାତୁଣୀ ତଥା ମୃତ ବାପା, ଓ ବାର୍ଦ୍ଧକ୍ୟ ଗ୍ରସ୍ତ ବୋଉ, ଦୁଇଭାଇଙ୍କ ଶୁଭ ମନାସି। ବେଳେ ତ ଆତ୍ମାରେ ସନ୍ତୁଷ୍ଟି ଖେଳିଯାଏ । ଯୋଉଦିନ ଦେଖିବାକୁ ମିଳେନା, ମନ ଓ ହୃଦୟ ଅତ୍ୟନ୍ତ ବିଗଳିତ ହୁଏ, ଆଉ ଅସ୍ଥିର ଲାଗେ ବେଳା ଖରାପ ବୋଲି ଭାବିବାକୁ ହୁଏ । ଆଉ ବେଳେ ବେଳେ ପକ୍ଷୀଟାକୁ ଦେଖୁନଥିଲେ ବି ତାର ସ୍ୱାଭାବିକ ବୋବାଳି ଶୁଣି ଶୁଣି ସୂର୍ଯ୍ୟଙ୍କୁ,ନିଜ ଲୋକ ମାନଙ୍କ ଶୁଭ ମନାସି ପାଣି ଢାଳୁ ଢାଳୁ ଆଶ୍ୱସ୍ତ ଲାଗେ, ନଦେଖା ଦେଉ ପଛେ ସ୍ୱର ତ ଶୁଭୁଛି ।

ଅରୁଣା ଯେ କେବଳ ପୂଜା କରିବା ସମୟରେ ହଳଦୀ ବସନ୍ତ ପକ୍ଷୀଟାକୁ ଦେଖିବାକୁ ଚେଷ୍ଟା କରନ୍ତି ତା ନୁହେଁ, ପ୍ରତ୍ୟକ ଦିନ ଅପରାହ୍ନ ଚାରିଟା ପରେ ଛାତ ଉପରକୁ ଆସି, ପକ୍ଷୀଟାର ବିଭିର୍ନ୍ନ ସ୍ୱର ଅନୁକରଣ କରି ପକ୍ଷୀ ଠା କରି ଦେଖନ୍ତି ତାକୁ । କେବେ ଇଟିଜ ଓକେ କହେ ତ କେବେ ହେ ପ୍ରଭୁ କୁହେ ତ କେବେ କି ପ୍ରକାର ବୋବାଳି ସବୁକୁ ଶବ୍ଦ ଆକାରରେ ପ୍ରକାଶ କରିହେଉନଥିଲେ ବି ଅରୁଣା ସବୁଟି ସ୍ୱର ପ୍ରତି ପରିଚିତ ଥିଲେ କିନ୍ତୁ କୋଉ ବୋବାଳି ସ୍ୱର କୋଉଠି ବା କୋଉ ପରିପ୍ରେକ୍ଷୀରେ ସେ ତା ସ୍ୱରକୁ ପ୍ରୟୋଗ କରେ ସେକଥା ହୁଏତ ପକ୍ଷୀ ବିଶେଷଜ୍ଞ ଜାଣିଥାଇ ପାରନ୍ତି ଅରୁଣା ନୁହଁନ୍ତି ।

ସେଦିନ ଅରୁଣା ପୂଜା ସମୟର ଯଥେଷ୍ଟ ପୂର୍ବରୁ, ଫୁଲ ତୋଳୁ ତୋଳୁ,ପ୍ରଥମେ ଠା କଲେ ଝଙ୍କାଳିଆ ବରଗଛ ଡ଼ାଳରେ, ଗୋଟିଏ ନୁହେଁ ଅନେକ ଥର ପରି ତା ସୋଲୁମେଟ ସହିତ ହଳଦୀ ବସନ୍ତ ପକ୍ଷୀଟିକୁ । ହେଲେ ଆଜି ସେ ଏକା ଥିବା ହଳଦୀ ବସନ୍ତ ପକ୍ଷୀଟିକୁ ଦେଖି ଶ୍ରେୟା ପୂଜା ସନ୍ତୁଷ୍ଟିରେ କରିବାକୁ ଆଗେଇ ଆସୁ ଆସୁ ଟିକେ ଅଳ୍ପ ଦୂରରେ ଥିବା ଗଛଟି ଡ଼ାଳରେ ଏକରକମ ବୋବାଇ ଚାଲିଛି ଆଉ ଗୋଟିଏ ହଳଦୀ ବସନ୍ତ ଚଢେଇ ।ବରଗଛ ଡାଳରୁ ପ୍ରଥମ ପକ୍ଷୀଟି ଅନ୍ୟ ପକ୍ଷୀଟିର ରାବ ଶୁଣି କିଲିବିଲ କରି ଉଡି ଚାଲିଗଲା ଅନ୍ୟ ହଳଦୀ ବସନ୍ତ ଚଢେଇଟି ପାଖକୁ ତ ଅରୁଣା ବୁଝିଗଲେ ହଳଦୀ ବସନ୍ତର ଖାଲି ପ୍ରେମ ଋତୁ ନୁହେଁ । ବସନ୍ତ ଋତୁ ଏବେ ।ପ୍ରେମ ଋତୁ ଆସିଗଲାଣି ଧରାର ଖୁବ ନିକଟକୁ । ପୂଜା ସାରି ସନ୍ତୁଷ୍ଟ ନୟନରେ ତଳକୁ ଆସି ଅରୁଣା ସ୍ୱାମୀଙ୍କୁ ସୁମଧୁର ବାଣୀରେ ପଚାରୁଥିଲେ,ଗାଧେଇନ ଏଯାଏଁ?? ଅରୁଣାଙ୍କ ମନ ପଢି ଅର୍ଥ ବୁଝୁନଥିବା ସ୍ୱାମୀ କହୁଥିଲେ କେବଳ,ଯାଉଛି ଯାଉଛି, ବଢ଼ାବଢ଼ି କରୁଥାଅ । ପୂଜା ସରିଲାଣି କୁଆଡୁ ଯେ? ଅରୁଣା ଆଖିରେ ଆଖି ମିଶାଇ ପ୍ରଶ୍ନବାଚକ ଦୃଷ୍ଟି ତୋଳି ଚାହିଁଥିଲେ ସ୍ୱାମୀ ।

ରାସ୍ତାରେ ଚାଲୁ ଚାଲୁ କେତେ ବାଟୋଇ ସତ ହେଲେ ଜୀବନସାଥୀଙ୍କ କଥା ଅଲଗା । ଦିନେ ପାଖରେ କେହି ନଥିବେ, ଥିବେ କିନ୍ତୁ ଦୁଇ ପ୍ରେମ ପକ୍ଷୀ ସ୍ୱାମୀ ଓ ସ୍ତ୍ରୀ । ସେତେବେଳେ କଥାଟିଏ ଥିଲା ପୁଅ ଯୋଗ୍ୟର ହେଲେ ଧନ କାହିଁ ପାଇଁ ସଞ୍ଚିବି । । ପୁଅ ଅରାସ୍ତାରେଯୋଗ୍ୟ ହେଲେ ଧନ କାହିଁ ପାଇଁ ସଞ୍ଚିବି । ଏବେ କିନ୍ତୁ ପ୍ରତି ହୃଦୟରୁ ଶୁଭୁଛି ପୁଅ ପାଠୁଆ ହେଲେ ଘର କାହିଁକି କରିବି । । ପୁଅ ଅପାଠୁଆ ହେଲେ ଘର କାହିଁକି ତୋଳିବି । ତଥାପି ପୁଅ ଝିଅ ବା ସନ୍ତାନ ସନ୍ତତି ପାଖରେ ରହନ୍ତୁ ନରହନ୍ତୁ ଶୁକ ଶାରୀ ପରି ଥାଆନ୍ତି ଦୁଇପ୍ରାଣୀ ଯାହାକୁ ଆମେ କହୁ ଦମ୍ପତ୍ତି । ସେମିତି ଅରୁଣା ଓ ଅଶୋକ ଦୁହେଁ ସ୍ୱାମୀ ସ୍ତ୍ରୀ । ଦିନ ଆସେ ପିତା ମାତା, ବନ୍ଧୁ ବାନ୍ଧବ, ସଖା ସହୋଦର, ପୁତ୍ର କନ୍ୟା ଦୂରେଇ ଯାଆନ୍ତି ସମସ୍ତେ କିନ୍ତୁ ପରସ୍ପରର ବନ୍ଧୁ ହୋଇ ପତି ପତ୍ନୀ ଥାଆନ୍ତି ଜଣେ ଜଣଙ୍କ ପାଇଁ । ଅରୁଣାଙ୍କ ମନରେ ଏବେ ଗୋଟିଏ ପ୍ରଶ୍ନ । ଘରେ ଘରେ ସେ ଦେଖନ୍ତି ବୁଢାଟିମାନ ବୁଢୀଟିକୁ ଛାଡି ଆଗ ବାଟ କାଟନ୍ତି ସ୍ୱର୍ଗକୁ । କାହିଁକି ପ୍ରଶ୍ନରେ ଅଶୋକ ଦେଇଥିଲେ ଚମତ୍କାର ଉତ୍ତର । ମହିଳା ମାନେ ମହିୟସୀ । ସେମାନେ ସବୁ ସହି ଓ ବୁଝି ପ୍ରତିଟି ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ଓ ପୌତ୍ର ପୌତ୍ରାଦିଙ୍କ ସହିତ ଖାପଖୁଆଇ ଚାଲିପାରନ୍ତି ଯାହା ପୁରୁଷଙ୍କ କ୍ଷେତ୍ରରେ ସମ୍ଭବ ନୁହେଁ । ସହଜେ ସ୍ୱାମୀମାନେ ବଡ଼ ଥାଆନ୍ତି ନା ବୟସରେ ।

ଏକଥାରେ କିନ୍ତୁ ସହମତି ନଥାଏ ଅରୁଣାଙ୍କର କାରଣ ଅନୁଭବ ଓ ଅନୁଭୂତିରୁ ସେ ଦେଖିଛନ୍ତି ବର୍ଷେ, ଦିବର୍ଷ ବା ବେଶୀ ବଡ଼ ହେଲେ ଦଶବର୍ଷ ବଡ଼ ଥିବା ସ୍ୱାମୀ ଆଗ ସ୍ୱର୍ଗାରୋହଣ କଲାପରେ ତାଙ୍କ ସ୍ତ୍ରୀ ତ କୋଡିଏ କି ପଚିଶ ବା ତଦୁର୍ଦ୍ଧ କାଳ ବଞ୍ଚିରହୁଛନ୍ତି । ଏହି ସବୁ ଦୁର୍ଭାବନା ଏଡ଼େଇବାକୁ ସେ ଛାତ ଉପରକୁ ଯାଇ ନୀରବରେ ବସିଯାଆନ୍ତି । ଅନାଗତ ଭବିଷ୍ୟତରେ ଏକୁଟିଆ ନୀରବ ରାସ୍ତାକୁ କିପରି ନୀରବରେ କାଟିବେ ଭାବି ବ୍ୟସ୍ତ ହୋଇପଡନ୍ତି । ପୁଣି ମନକୁ ଆସେ ସ୍ତ୍ରୀ ମାନେ ପତିବ୍ରତା ଧର୍ମ ନିଭେଇବାକୁ ଯାଇ ଆଗ ସ୍ୱାମୀଙ୍କୁ ଖାଇବାକୁ ବାଢ଼ନ୍ତି, ସେଇଟା ଅଶୁଭଙ୍କୁ ପ୍ରଦାନ କରେକି? ଅବଶ୍ୟ ଆଗ କାଉ କୁକୁରଙ୍କୁ ଦେଇ ତା ପରେ ସ୍ୱାମୀଙ୍କୁ ପରଷା ଯାଏ ତଥାପି ଏଭଳି ମାନସିକତାର ଫଳ ନକାରାତ୍ମକ ହୁଏକି? ଏମିତି ସବୁ ପ୍ରଶ୍ନ ମନକୁ ଉଦବେଳିତ କରୁଥିବା ବେଳେ କାଉଟି ଉଡିଆସି ରଖିଥିବା ଜଳରେ ଥଣ୍ଟ ବୁଡେଇ ପାଣି ପିଉଥାଏ । ଅନ୍ୟ ଚଢେଇ ମାନେ କେହି ଅରୁଣାଙ୍କ ଉପସ୍ଥିତିକୁ ଅଣଦେଖା କରି ପାଣି ପିଉନଥିବା ବେଳେ କାଉଟି ନିର୍ଭୟରେ ପାଣି ପିଇ ଉଡିଯାଏ, ଚାଉଳ ମଧ୍ୟ ଖାଏ କିନ୍ତୁ ଅନ୍ୟ ଚଢେଇ ମାନେ ତାଙ୍କ ଅବସ୍ଥିତି ସୂଚନାରେ ଆସନ୍ତି ନାହିଁ ଭରଷି କରି ଆଉ ହଳଦୀବସନ୍ତ ବା ଶୁଆ ପକ୍ଷୀଙ୍କୁ ଦେଖିବାକୁ ଭଲ ପାଉଥିବା ଅରୁଣା ଭାବନ୍ତି ସେମାନଙ୍କୁ ସିନା ମଣିଷ ଭଲପାଏ ଦେଖିବାକୁ ବା ତାଙ୍କୁ ଦେଖିଲେ ଶୁଭହୁଏ ବୋଲି ଭାବିବାକୁ କିନ୍ତୁ ସେମାନେ କାଉ ପରି ନୁହଁ । କାଉକୁ ଆଗ ଭାତ ବାଢିଦେଉଥିବା ଅରୁଣା ସେଦିନ ଦେଖିଲେ ପ୍ରତିଦିନ ଆସି ପାଣି ପିଇ ଚାଉଳ ଖାଇ ଆକାଶକୁ ଉଡି ଯାଉଥିବା ପକ୍ଷିଟା ସେଦିନ ତାଙ୍କ ଆଖି ସାମ୍ନାରେ ଦୁଇ ବିଜୁଳି ତାର ଯାଇଥିବା ଗଛ ଉପରେ ବସିପଡ଼ି ଛିଟିକି ପଡିଥିଲା ଅଦୂରକୁ । ଛାତିଟା କରତି ହୋଇଗଲା ଅରୁଣାଙ୍କର । କେତେ କାଉ ଆସି କାକା କହି ଉଡ଼ିଲେ ଘେରେ ପୁଣି ଫେରିଗଲେ କିନ୍ତୁ କାଉଟି ଆଉ ନଥିଲା ଛାତଉପରକୁ ଆସି ପାଣି ପିଇ ଖୁଦ କି ଚାଉଳ ଖାଇ ଆକାଶକୁ ଉଡିଯିବାକୁ ।

ତା ପରଠୁ ଅରୁଣାଙ୍କୁ ଜର ହେଲା ଓ ଛାଡ଼ୁନଥିଲା ଜମା ତ କାଉର ଅପମୃତ୍ୟୁ କଥା ଶୁଣି ସ୍ୱାମୀ କହୁଥିଲେ ଏଇଟା ଗୋଟେ କୋଉ ବିରାଟ ଦୁଃଖ କଥା ଯେ! ପ୍ରତିଦିନ ରାସ୍ତା ଘାଟରେ କୁକୁର ମରିବା ପରି ବିଜୁଳି ତାର ଉପରେ ବସି ପକ୍ଷୀ ମରୁଛନ୍ତି । ଏଥିରେ ଏତେ ବ୍ୟସ୍ତ ହେବାର କଣ ଅଛି? ଅରୁଣା କହୁଥିଲେ ଅଛି । କଣ ଅଛି ଟିକେ ଶୁଣେ!ଅରୁଣା ଚୁପି ଚୁପି କହୁଥିଲେ ମଣିଷ ସବୁ ଭାରି ସ୍ୱାର୍ଥପର ତ ଏଇ ମୋ ପରି ସ୍ତ୍ରୀ ଲୋକ ମାନେସବୁ ଯେମିତି ଗ୍ରହରିଷ୍ଟ କାଟି ଆଗ ରନ୍ଧାଖାଦ୍ୟ ଓ ବାସିରୁଟି କାଉ କୁକୁରଙ୍କୁ ଦେବା ଫଳରେ ତାଙ୍କର ଅକାଳ ମୃତ୍ୟୁ ହେଉଛି । ସ୍ୱାମୀ ଯେତେ ବୁଝାଇବାକୁ ଚେଷ୍ଟା କରୁଥିଲେ ଯେ ଆରେ ନାହିଁ ଭଗବାନ ତାଙ୍କୁ ଯେତେ ଅଧିକ ବର୍ଷ ଆୟୁଷ ଜାଚିଲେ ମଧ୍ୟ କୁକୁର ତା ଆୟୁଷ କୋଡିଏ ବଦଳରେ ଦଶ ରଖି ଦଶ ଫେରାଇ ଦେଇଥିଲା ଓ ପକ୍ଷୀ ପନ୍ଦର ବଦଳରେ ପାଞ୍ଚ ରଖି ଦଶ ଫେରାଇ ଦେଇଥିଲା । ଅରୁଣା କହୁଥିଲେ ଆଉ ସେମାନେ ଫେରେଇ ଦେଇଥିବା ସେଇ କୋଡିଏ ବର୍ଷକୁ ଅଧିକା ଆୟୁଷ ମାଗିନେଇ ମଣିଷ ଦେଖୁଛି ତାଙ୍କ ମୃତ୍ୟୁ ଆଉ ହେଉଛି ଛଟପଟ । ଅରୁଣା ସେଇ ପଡିଲେ ଯେ ଆଉ ଉଠିଲେନି । ଚାଲିଗଲେ ସ୍ୱାମୀ ଅଶୋକଙ୍କୁ ଏକା କରି । ନୀରବରେ ବାଟ ଚାଲୁ ଚାଲୁ କାଶତଣ୍ଡୀ ସମ୍ଭାର ଦେଖି ଅଶୋକ ଭାବୁଥିଲେ ସ୍ତ୍ରୀ ଟା ପ୍ରକୃତରେ ତାଙ୍କର ଦେବୀ ଥିଲା ।ଶରତ ସକାଳର ଅସରାଏ ବର୍ଷା ଛାଡି ଯିବା ପରେ ନୀରବରେ ପାଦ ଆଗକୁ ବଢ଼ାଉଥିଲେ ଅଶୋକ ଗାଁର ଦେବୀମଣ୍ଡପ ଆଡ଼େ ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

# ଉଚିତ ନ୍ୟାୟ

ୟୁନାନର ରାଜା ଫିଲିପ୍ ନିଜର ନ୍ୟାୟପ୍ରିୟତା ପାଇଁ ପ୍ରସିଦ୍ଧ ଥିଲେ । ସେ ତାଙ୍କ ଦରବାରରେ ସ୍ୱୟଂ ସବୁ ମୋକଦ୍ଦମା ଶୁଣି ତାହାର ନ୍ୟାୟ କରୁଥିଲେ । ଥରେ ରାଜ୍ୟର ଦୁଇ ଜଣ ନାଗରିକ ନିଜର ମୋକଦ୍ଦମା ନେଇ ତାଙ୍କ ପାଖରେ ପହଞ୍ଚିଲେ । ରାଜା ଫିଲିପ୍ ସେଦିନ ବହୁତ ଥକି ଯାଇଥିଲେ । ପ୍ରଥମ ବ୍ୟକ୍ତି ନିଜର ପକ୍ଷ ରଖୁଥିବା ବେଳେ ତାଙ୍କୁ ହାଲୁକା ନିଦ ଲାଗିଗଲା । ତାଙ୍କର ଚୈତନ୍ୟ ଆସିବା ବେଳକୁ ଦ୍ୱିତୀୟ ପକ୍ଷର ପାଳି ପଡ଼ିଲା । ସେ ଦ୍ୱିତୀୟ ପକ୍ଷର ବୟାନକୁ ହିଁ ସମ୍ପୂର୍ଣ୍ଣ ସତ୍ୟ ମାନି ତା' ପକ୍ଷରେ ନିଷ୍ପତ୍ତି ଶୁଣାଇ ଦେଲେ । ନିଷ୍ପତ୍ତି ଶୁଣି ପ୍ରଥମ ପକ୍ଷର ବ୍ୟକ୍ତି କହିଲା– ''ମହାରାଜ ! ଆପଣଙ୍କ ନିଷ୍ପତ୍ତି ନ୍ୟାୟପୂର୍ଣ୍ଣ ନୁହେଁ । ମୁଁ ଚାହୁଁଛି ଯେ, ଆପଣ ମୋର ବୟାନକୁ ଥରେ ଶୁଣନ୍ତୁ କାରଣ ମୋର ବୟାନକୁ ଶୁଣିବା ସମୟରେ ଆପଣଙ୍କୁ ନିଦ ଆସି ଯାଇଥିଲା । ମୋର ପକ୍ଷ ଶୁଣିବା ପରେ ଆପଣ ଯାହା ବି ନିଷ୍ପତ୍ତି ଶୁଣାଇବେ, ତାହା ମୁଁ ମାନିନେବି ।'' ସେହି ବ୍ୟକ୍ତିର ବୟାନ ଶୁଣିବା ପରେ ରାଜା ନିଜର ଭୁଲ ଜାଣି ପାରିଲେ ଓ ତା' ଉପରେ ଲାଗିଥିବା ଅଭିଯୋଗରୁ ତାକୁ ମୁକ୍ତ କରିଦେଲେ । ଏହାପରେ ସେ ତାକୁ କହିଲେ– ''ମୁଁ ତୁମର ସାହସ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ । ତୁମର ସାହସ ହିଁ ଆଜି ତୁମକୁ ନ୍ୟାୟ ଦେଇଛି ଓ ମୋତେ ଏକ ଭୁଲ ନିଷ୍ପତ୍ତି ନେବାରୁ ରକ୍ଷା କରିଛି । ରାଜାଙ୍କୁ ଏପରି ଭୁଲ କରିବାରୁ ରୋକିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ, ଯଦ୍ୱାରା ରାଜପଦର ଗରିମା ଅକ୍ଷୁଣ୍ଣ ରହିପାରିବ । (ସୌଜନ୍ୟ : ଅଖଣ୍ଡ ଜ୍ୟୋତି)

## ▶ ବୁନ୍ଦାଏ ପାଣି ପାଇଁ ହାହାକାର

# ଖାଲି ଗରା - ମାଠିଆ ଧରି ରାସ୍ତା ଉପରେ ବସିଲେ ଗ୍ରାମବାସୀ



ହିଞ୍ଜିଳିକାଟୁ ,୧୦।୭ (ଆନିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ବେଲଗାଁ ଥାନା ପୁଟିଆପଦର୍ ପଞ୍ଚାୟତ ବାଳକୃଷ୍ଣପୁର ଗ୍ରାମର ୧୧, ୧୨ ଓ ୧୩ ନଂ ୱାର୍ଡ ରେ ଗତ କିଛି ମାସ ହେବ ପାନୀୟ ଜଳ ଭଳି ସମସ୍ୟା ଲାଗିରହିଥିବା ବେଳେ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରି ଶୁକ୍ରବାର ସକାଳ ୯ ଟା ସମୟରେ ରାସ୍ତାକୁ ଓହ୍ଲାଇଛନ୍ତି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଖାଲି ଗରା,ମାଠିଆ ଓ ବାଲଟି ରଖି ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି । ଫଳରେ ନନ୍ଦିକ ଠାରୁ ଭାବନ୍ଧ ଯିବା ମୁଖ୍ୟ ରାସ୍ତାରେ ବହୁ ସମୟଧରି ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇ ରହିଥିଲା। ରାସ୍ତାରୋକ ଯୋଗୁ ରାସ୍ତାର ଉଭୟ ପାର୍ଶ୍ବରେ ଗାଡ଼ିମୋଟର, ବସ୍ ଓ ଟ୍ରକ୍ ବହୁ ସମୟ ଧରି ଅଟକି ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହି ଥିବାବେଳେ ଘଟଣା ସ୍ଥଳରେ ପୋଲିସ, ବ୍ଲକ୍ ପ୍ରଶାସନ ଓ ବିଭିଗୀୟ କର୍ମଚାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସମସ୍ୟାର ସ୍ଥାୟୀ ସମାଧାନ ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ଅସ୍ଥାୟୀ ଭାବେ ପାନୀୟ ଜଳ ଯୋଗାଇ ଦିଆଯିବା ପାଇଁ ପ୍ରତିଶୃତି ଦେବା ପରେ ଗ୍ରାମବାସୀ ମାନେ ରାସ୍ତାରୋକ ହଟି ଆନ୍ଦୋଳନରୁ ଓହ ରିଥିଲେ ।ସୂଚନା ଯୋଗ୍ୟ ଯେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ବାଳକୃଷ୍ଣପୁର ଗ୍ରାମର ୧୧, ୧୨ ଓ ୧୩ ନଂ ୱାର୍ଡରେ ଗତ କିଛି ମାସ ହେବ ପାନୀୟ ଜଳ ସମସ୍ୟା ଲାଗିରହିଥିବା ବେଳେ ପଞ୍ଚାୟତରେ ନିୟମିତ ଭାବରେ ପାଣି ସୁବିଧାରେ ମିଳୁନଥିବା ନେଇ ଗ୍ରାମବାସୀ ମାନେ ପୂର୍ବରୁ ଅନେକ ଥର ସ୍ଥାନୀୟ ସରପଞ୍ଚଙ୍କୁ ମୌଖିକ ଭାବରେ ଜଣାଇଥିଲେ ହେଲେ ଏହାର ସ୍ଥାୟୀ ସମାଧାନରେ ବିଳମ୍ବ ହୋଇଥିଲା ଯାହାଦ୍ଵାରା ଗ୍ରାମବାସୀଙ୍କୁ ନିୟମିତ ଭାବରେ ପାନୀୟ ଜଳର ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେମାନଙ୍କ କହିବା ପ୍ରକାରେ ଗତ ୪ ରୁ ୬ ଦିନ ହେବ ଏହି ୱାର୍ଡରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତେବେ ଏନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଶେଷରେ ସେମାନେ ରାସ୍ତାରୋକ ଭଳି ଚରମ ପଦକ୍ଷେପ ନେବାକୁ ବାଧ ହୋଇଥିଲେ ବୋଲି କହିଛନ୍ତି । ଅନ୍ୟପଟେ ଏନେଇ ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ମଚାରୀଙ୍କ ସହ ଫୋନ ମାଧ୍ୟମରେ ଯୋଗାଯୋଗ କରି ପଚାରିବାରୁ ପୂର୍ବରୁ ଗ୍ରାମବାସୀଙ୍କ ତରଫରୁ ପାନୀୟ ଜଳ ସମସ୍ୟାକୁ ନେଇ କୌଣସି ଲିଖିତ ଅଭିଯୋଗ ହୋଇନଥିବା ନେଇ ସ୍ଥାନୀୟ ସରପଞ୍ଚ ଏବଂ ବିଭାଗୀୟ ଅଧିକାରୀ କହିଥିଲେ ଏବଂ ଗତ କିଛି ଦିନ ତଳେ ସେହି ଅଞ୍ଚଳରେ ବିଜୁଳି , ଘଡ଼ଘଡ଼ି ସହ ଭାରି ବର୍ଷା ହେବା କାରଣରୁ ପାଣି ସପ୍ଲାଏ ମୋଟର ପୋଡ଼ିଯାଇଥିବା.

କହିଥିଲେ ଏବଂ ମୋଟର ପୋଡ଼ିଯାଇଥିବା କାରଣରୁ ଗତ ୨ ରୁ ୪ ଦିନ ହେବ ସେହି ୱାର୍ଡରେ ଏଭଳି ସମସ୍ୟା ରହିଛି ବୋଲି କହିଥିଲେ । ଏହା ସହ ଏହାର ସମାଧାନ ପାଇଁ ତତ୍ପରତା ଦେଖାଇବା ସହ ପୋଡ଼ିଯାଇଥିବା ମୋଟର କୁ ମରାମତି ପାଇଁ ପଠାଯାଇଥିବା ନେଇ ସ୍ଥାନୀୟ ସରପଞ୍ଚ ଏବଂ ବିଭାଗୀୟ ଅଧିକାରୀ କହିଛନ୍ତି । ଦିନେ ଦୁଇ ଦିନ ଭିତରେ ଏହାର ସମଧାନ ହୋଇଯିବ ଏବଂ ପୂର୍ବ ଭଳି ଲୋକେ ପାନୀୟ ଜଳ ପାଇପରିବେ ବୋଲି ମଧ୍ୟ କହିଛନ୍ତି । ସରକାର ପ୍ରତି ଗାଁକୁ ସ୍ବଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ଅନେକ ଯୋଜନା କରୁଛନ୍ତି , କିନ୍ତୁ ତୃଣମୂଳ ସ୍ତରରେ ଏହାର ସୁବିଧା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନି। ପାଣି ଭଳି ମୌଳିକ ଆବଶ୍ୟକତା ପାଇଁ ଗ୍ରାମବାସୀଙ୍କୁ ରାସ୍ତାକୁ ଓହ୍ଲାଇବାକୁ ପଡ଼ିବା ଆମ ବ୍ୟବସ୍ଥା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

## ବ୍ରହ୍ମକୁମାରୀସ, ଶାନ୍ତିକୁଣ୍ଡ ତରଫରୁ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଧ୍ୟାତ୍ମିକ ମୂଲ୍ୟବୋଧ ଭିତ୍ତିକ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ




ବ୍ରହ୍ମପୁର, ୧୦।୭ (ଆନିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ବରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିକୁଣ୍ଡ ତରଫରୁ ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ଠାରେ 'ରିଲେକ୍ସ ମାଇଣ୍ଡ, ଏନହେନ୍ସ ମେମୋରୀ' ଅର୍ଥାତ ମନକୁ ପ୍ରଫୁଲ୍ଲିତ କରିବା ପୂର୍ବକ ସ୍ମୃତିଶକ୍ତିର ବିକାଶ ବିଷୟ ସମ୍ପର୍କରେ ଏକ ପ୍ରେରଣାଦାୟକ ମାନସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ରେ ଅନ୍ତରାଷ୍ଟ୍ରୀୟ ପ୍ରେରକ ବକ୍ତା ରାଜଯୋଗୀ ଡା. ବ୍ରହ୍ମକୁମାର ଶକ୍ତିରାଜ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ବୃନ୍ଦଙ୍କୁ ଉଦବୋଧନ ଦେଇଥିଲେ ଯେ ନିଜର ବିଚାର ପ୍ରଣାଳୀକୁ ସକାରାତ୍ମକ, ସଶକ୍ତ ତଥା ଗୁଣାତ୍ମକ ଦିଶାରେ ପରିଚାଳିତ କରିବା ଯଦ୍ଵାରା ନିଜ ଅନ୍ତରର ଲୁକ୍କାୟିତ ମାନସିକ କ୍ଷମତାକୁ ଜାଗ୍ରତ କରିବା ପୂର୍ବକ ନାକରାତ୍ମକ ବିଚାରକୁ ଦୂର କରି ଜୀବନରେ ଏକାଗ୍ରତା ଏବଂ ସଫଳତା ପ୍ରାପ୍ତ କରିବା ସମ୍ଭବ ହୋଇପାରିବ। ପୁଣି ଭ୍ରାତା ଶକ୍ତିରାଜ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ମନକୁ କିପରି ଚିନ୍ତା ରହିତ, ଶାନ୍ତ, ସରଳ ଏବଂ ଆରାମଦାୟକ ସ୍ଥିତି ପ୍ରାପ୍ତ କରି ସ୍ମରଣ ଶକ୍ତିର ଅଭିବୃଦ୍ଧି କରାଯାଇପାରିବ ସେ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ବ୍ରହ୍ମକୁମାରୀସ ବ୍ରହ୍ମପୁର ସବଜୋନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳା ମନକୁ ଏକାଗ୍ର କରିବା ପୂର୍ବକ ଭାବନାତ୍ମକ ସ୍ୱାସ୍ଥ୍ୟର ଅଭିବୃଦ୍ଧିର ସରଳ ଉପାୟମାନ ଆହରଣ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଆହ୍ବାନ କରିଥିଲେ ତଥା ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା ବୃନ୍ଦଙ୍କୁ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବା ସକାଶେ ଧନ୍ୟବାଦ ଅର୍ପଣ କରିବା ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜ୍ଞାନ ବିକାଶ, ବି. ଏସ. ଇ. ଟି, ବ୍ରହ୍ମପୁର ସ୍କୁଲ ଅଫ ଇଞ୍ଜିନିୟରିଙ୍ଗ ଏଣ୍ଡ ଟେକ୍ନୋଲୋଜି, ସରସ୍ବତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର, ବ୍ରହ୍ମପୁର ସ୍କୁଲ ଅଫ ନର୍ସିଙ୍ଗ, ଏମ.କେ.ସି.ଜି, ନର୍ସିଙ୍ଗ କଲେଜ, କେ. ସି. ପବ୍ଲିକ ସ୍କୁଲ, ରୋଲାଣ୍ଡ ଫାର୍ମାସ୍ୟୁଟିକଲ କଲେଜ ଆଦି ବିଭିନ୍ନ ବୈଷୟିକ ଅନୁଷ୍ଠାନର ସହସ୍ରାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ଵାରା ବିଶେଷ ଲାଭାନ୍ୱିତ ହୋଇଥିଲେ। ସାମ୍ବାଦିକ ତଥା ସଂଗୀତଜ୍ଞ ଭ୍ରାତା ସୁଦୀପ ସାହୁ ଏକ ଆଧ୍ୟାତ୍ମିକ ସଂଗୀତ ପରିବେଷଣ କରିଥିଲେ।

## ଝରିଗାଁ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଝରିଗାଁ,୧୦।୭ (ଆନିସ): ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକ କୁଟ୍ରି ଛାପର ପଞ୍ଚାୟତ ଅନ୍ତର୍ଗତ କଲେ ଗାଁ (୫ ଟି ) ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଝରିଗାଁ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନରସିଂହ ଭତରା ଯୋଗ ଦେଇଥିଲେ। ବନବିଭାଗ ପକ୍ଷରୁ ଚାରା ଓ ବନ ବିଭାଗ କର୍ମଚାରୀ ଙ୍କ ସହାୟତାରେ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ଚାରା ରୋପଣ କରାଯାଇଥିଲା। ବର ଗଛ , ପିପଳ,ଆମ୍ବ ,ପିଜୁଳି ,ନିମ୍ବ , ପଣସ, ଏହି ସବୁ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ବିଧାୟକ ମଧ୍ୟ ଏକାଧିକ ଚାରା ରୋପଣ କରିଥିଲେ। ବିଦ୍ୟାଳୟ ପରିସରକୁ ଫୁଲ ଫଳ ଓ ଔଷଧୀୟ ଗୁଳ୍ମ ଲତା ଆଦି ଲଗାଇ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ବିଦ୍ୟାଳୟ କର୍ତୃପକ୍ଷ ଏବଂ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱ ପରିବେଶ ସ୍ଥିତି ଉତ୍ତପ୍ତ ବାୟୁମଣ୍ଡଳ ପ୍ରଦ୍ୟୁଷଣ କୁ ଦୃଷ୍ଟିରେ ରଖି ବୃକ୍ଷ ରୋପଣ କରିବା ସମସ୍ତଙ୍କ ଏକ ନୈତିକ ଦାୟୀତ୍ୱ ରହିଛି। ତେଣୁ ଲଗାଯାଇଥିବା ଚାରା ଗୁଡିକର ଯତ୍ନ ସୁରକ୍ଷା ଓ ବୃଦ୍ଧି ନିମନ୍ତେ ଯତ୍ନବାନ ହେବାର ଆବଶ୍ୟକ ରହିଛି ବୋଲି ସାମ୍ବାଦିକ ସଂଘ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଝରିଗାଁ ସାମ୍ବାଦିକ ସଂଘ ସଭାପତି ତ୍ରିନାଥ ଧରୁଆ ସମେତ ପ୍ରମୁଖ ସାମ୍ବାଦିକ ମଧ୍ୟରେ ମନୋଜ କୁମାର ନାୟକ,କିଶୋର ମଣ୍ଡଳ,ଗିରି ମାଝୀ,ଭୁଦେବ ଗୌଡ଼ , ଜୟଶ୍ରୀ ଦାସ,ବସନ୍ତ ସାହୁ, ଲକ୍ଷ୍ମୀ କାନ୍ତ ପାଣ୍ଡେ,ସମେତ ଅନ୍ୟମାନଙ୍କ ମଧ୍ୟରେ ରାମଦାସ ଭତରା,କୁଞ୍ଜ ମାଝୀ,ମୁରଲୀ ହରିଜନ ବୁଦୁରାମ ଭତରା,ନକୁଳ ଭତରା,ମନୋଜ କୁମାର ବାଘ, ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପୋଡ଼ମପେଟା କୂଳ କ୍ଷୟ ସ୍ଥିତି ପରଖିଲେ ରାମଚନ୍ଦ୍ର ପଣ୍ଡା



ଗଞ୍ଜାମ,୧୦।୭ (ଆନିସ): ପୋଡ଼ମପେଟା ଉପକୂଳରେ ଲାଗି ରହିଥିବା ସମୁଦ୍ର କୂଳ କ୍ଷୟ ଘଟଣାକୁ ନେଇ ଚିନ୍ତା ବଢ଼ିଥିବା ବେଳେ ଗୁରୁବାର ପୂର୍ବତନ ଉପବାଚସ୍ପତି ତଥା ବିଜେପିର ବରିଷ୍ଠ ନେତା ରାମଚନ୍ଦ୍ର ପଣ୍ଡା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ରାମଚନ୍ଦ୍ର ପଣ୍ଡା ପୋଡ଼ମପେଟା ଉପକୂଳରେ କ୍ଷୟ ହେଉଥିବା ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ ସମୁଦ୍ର ମାଡ଼ରେ ପ୍ରଭାବିତ ଅଞ୍ଚଳର ବାସ୍ତବ ସ୍ଥିତି ପରଖିଥିଲେ। ଏହି ଅବସରରେ ସେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରି କୂଳ କ୍ଷୟ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା, ଲୋକଙ୍କ ଆଶଙ୍କା ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଅବଗତ ହୋଇଥିଲେ।ପୋଡ଼ମପେଟାର ବର୍ତ୍ତମାନ ଉପକୂଳ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ରାମଚନ୍ଦ୍ର ପଣ୍ଡା କହିଥିଲେ। କୂଳ କ୍ଷୟ ରୋକିବା ପାଇଁ ଅସ୍ଥାୟୀ ପଦକ୍ଷେପ ବଦଳରେ ସ୍ଥାୟୀ ପ୍ରତିରକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ।ସେ କହିଥିଲେ ଯେ, ଉପକୂଳ ସୁରକ୍ଷା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ପ୍ରଭାବିତ ଅଞ୍ଚଳର ସୁରକ୍ଷା ଓ ଭବିଷ୍ୟତ ପାଇଁ ଦୀର୍ଘମିଆଦି ଯୋଜନା ଗ୍ରହଣ ଜରୁରୀ ବୋଲି ସେ ଉଲ୍ଲେଖ କରିଥିଲେ।

ସ୍ଥାନୀୟ ଲୋକମାନେ ମଧ୍ୟ ରାମଚନ୍ଦ୍ର ପଣ୍ଡାଙ୍କ ନିକଟରେ ସମୁଦ୍ର କୂଳ କ୍ଷୟ ରୋକିବା ପାଇଁ ସ୍ଥାୟୀ ପ୍ରତିରକ୍ଷା ବ୍ୟବସ୍ଥା, ଉପକୂଳ ସୁରକ୍ଷା ପ୍ରକଳ୍ପର ଶୀଘ୍ର କାର୍ଯ୍ୟାନ୍ୱୟନ ଓ ବିପଦମୁଖୀ ଗ୍ରାମଗୁଡ଼ିକର ସୁରକ୍ଷା ପାଇଁ ଦାବି ଜଣାଇଥିଲେ।

ଏହି ଅବସରରେ ବିଜେପିର ବହୁ କର୍ମୀ, ସ୍ଥାନୀୟ ନେତା ଓ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ।

## ଲଗାଣ ବର୍ଷାର ପରବର୍ତ୍ତୀ ସ୍ଥିତି,ଚାଷ ଜମି ପଟୁ ମାଟିରେ ପରିପୂର୍ଣ୍ଣ, ପାଣି ଶୁଖିଲା ପରର ସ୍ଥିତି ଗମ୍ଭୀର,ଗମନା ଗମନ ବାଧାପ୍ରାପ୍ତ



ଘୁ.ଉଦୟଗିରି,୧୦।୭ (ଆନିସ): ତିନି ଦିନ ଧରି ଲଗାଣ ବର୍ଷା ଫଳରେ ରଟିଙ୍ଗିଆ ଗ୍ରାମ ପଞ୍ଚାୟତର ଡାଙ୍ଗଡ଼ାମାହା ସ୍ଥିତ ମଧୁଝରି ଘାଇର ଏକପାର୍ଶ୍ୱ ଭୁଶୁଡି ଯିବା ହେତୁ ଆଖ ପାଖରେ ଥିବ ଚାଷଜମି ବୁଡି ଯାଇଥିଲା ଏବଂ ରଟିଙ୍ଗିଆ ଓ ଘୁ.ଉଦୟଗିରି କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ର କିଛି ଅଂଶ ଧୋଇ ହୋଇ ଭାସି ଯାଇଥିଲା। ଯାହା ଫଳରେ ଯାତାୟାତ ବାଧା ପ୍ରାପ୍ତ ହେଇଥିଲା।କିନ୍ତୁ ଏବେ ରାସ୍ତା ଉପରୁ ଓ ଜମିରୁ ପାଣି ଶୁଖିଲା ପରେ ସ୍ଥିତି ଆହୁରି ଗମ୍ଭୀର ହେଇପଡିଛି, କାରଣ ରାସ୍ତାଟି ଏକପାର୍ଶ୍ଵ ସମ୍ପୂର୍ଣ ଭାବେ ଭୁଶୁଡି ଯାଇଛି ଯାହା ଦ୍ୱାରା ବଡ ଗାଡି ଯେମିତି ଆମ ବସ୍,ଟ୍ରାକଟର ଓ ମାଲ ବୋଝେଇ ଗାଡି ପାଇଁ ଯାତାୟାତ ନିଷେଧ ରହିବା ଫଳରେ ଗାଁ ଲୋକେ ନାନା ଅସୁବିଧାର ସାନ୍ମୁଖୀନ ହେଉଛନ୍ତି। ଏବଂ ଯୋଉ ଚାଷ ଜମିରେ ପାଣି ଜମିଥିଲା ତାହା ଶୁଖିବା ପରେ ଜମିରେ ପାଟୁମାଟି ମାଡି ଯାଇଛି, ତେଣୁ ତାହା ଚାଷ କରିବା ଉପଯୋଗୀ ହେଇ ପାରୁନାହିଁ । ଫଳରେ ଚାଷୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏହି ଚାଷ ସମୟରେ ଚାଷ ଉପକରଣ ବା ମିସିନାରୀ ଗମନା ଗମନ ସୁବିଧା ନ ହେଲେ ଚାଷୀ ଅତ୍ୟନ୍ତ ପ୍ରଭାବିତ ହେବେ ବୋଲି ଗ୍ରାମବାସୀ କହିଛନ୍ତି । ତେଣୁ ରାସ୍ତା ପାର୍ଶ୍ଵରେ ଗାର୍ଡୱାଲ ନ କରିବା ପର୍ଯ୍ୟନ୍ତ କେବଳ ରାସ୍ତା ମରାମତି କରି କିଛି ଲାଭ ନାହିଁ ବୋଲି ଗ୍ରାମବାସୀଙ୍କ ମଧ୍ୟରେ ସାଧାରଣରେ ଚର୍ଚ୍ଚା ହେଉଛି। କାରଣ ଯୋଉ ରାସ୍ତାଟି ପାଣି ଦ୍ୱାରା ପ୍ରଭାବିତ ହେଇଛି ସେ ରାସ୍ତା ଟି କିଛି ଦିନ ପୂର୍ବରୁ ହିଁ ପିଚୁ ମରାମତି ହେଇଥିଲା। ତେଣୁ ଗାର୍ଡ ୱାଲ କରି ରାସ୍ତାଟି ମରାମତି କଲେ ସରକାରଙ୍କ ଅର୍ଥ ଠିକ ଜାଗାରେ ଠିକ ବିନିଯୋଗ ହେବ ବୋଲି କୁହାଯାଉଛି । ମୁଖ୍ୟ ରାସ୍ତାରେ ଆମ ବସ୍? ଯାତାୟାତ କରୁଥିବା ବେଳେ ରାସ୍ତାଟି ଭୁଶୁଡି ଯିବା ହେତୁ ଲୋକେ ପୁଣି ପୂର୍ବପରି ସେ ଅଟୋ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି । କେତେ ଶୀଘ୍ର ରାସ୍ତା ମରାମତି ହେବ ଓ କେବେ ଯାତାୟାତ ସ୍ଥିତି ସୁଧୁରିବ ତାହା ଦେଖିବା ବାକି ରହିଲା।

## ଜିଲ୍ଲା ସ୍ତରୀୟ ନିଯୁକ୍ତି ଦାବିରେ କଂଗ୍ରେସର ଆନ୍ଦୋଳନର ଚେତାବନୀ



ଜୟପୁର,୧୦।୭ (ଆନିସ): କୋରାପୁଟ ଜିଲ୍ଲାରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ଜିଲ୍ଲା ସ୍ତରୀୟ ନିଯୁକ୍ତିରେ ପ୍ରାଥମିକତା ଦେବା ଦାବିରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି,ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ପୂର୍ବତନ ବିଧାୟକ ନିମାଇଁ ସରକାର,ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ,ଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସମ୍ମିଳନୀରେ ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ, କୋରାପୁଟ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗରେ ଅନେକ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଅନ୍ୟପକ୍ଷରେ, ଜିଲ୍ଲାରେ ନିଯୁକ୍ତି ପାଇଥିବା କିଛି କର୍ମଚାରୀ ବିଭିନ୍ନ କାରଣ ଦର୍ଶାଇ ଅନ୍ୟ ଜିଲ୍ଲାକୁ ବଦଳି ହୋଇଯାଉଛନ୍ତି। ଫଳରେ ସ୍ଥାନୀୟ ଯୁବକ-ଯୁବତୀମାନେ ଚାକିରି ସୁଯୋଗରୁ ବଞ୍ଚିତ ହେଉଥିବା ସେ ଅଭିଯୋଗ କରିଥିଲେ। ସ୍ଥାନୀୟ ପ୍ରାର୍ଥୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଗଲେ ଜିଲ୍ଲାର ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବା ସହ ଶିକ୍ଷା ଓ ରୋଜଗାର କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ବିଧାୟକ ମତ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ, ଯଦି ଜିଲ୍ଲା ସ୍ତରୀୟ ନିଯୁକ୍ତି ଦାବି ପୂରଣ ନ ହୁଏ, ତେବେ କଂଗ୍ରେସ ପକ୍ଷରୁ ବ୍ୟାପକ ଜନଆନ୍ଦୋଳନ ଓ ରାସ୍ତାରୋକ କରାଯିବ। ଏହାସହ ଏହି ପ୍ରସଙ୍ଗରେ କଂଗ୍ରେସର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବ ବୋଲି ସେ ସୂଚନା ଦେଇଥିଲେ।

## ରାୟଗଡ଼ା ଲେଡୀସ କ୍ଲବ ଦ୍ଵାରା ପ୍ରେମ ପାହାଡ଼ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼ା , ୧୦।୭ (ଆନିସ): ରାୟଗଡ଼ା ଲେଡୀସ କ୍ଲବ ଆନୁକୂଲ୍ୟରେ



ବନ ମହୋତ୍ସବ ଉପଲକ୍ଷେ ପ୍ରେମ ପାହାଡ଼ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହିଳା କ୍ଲବର ସଦସ୍ୟା ମାନେ ଏହିଭଳି ପରିବେଶ ସୁରକ୍ଷା, ସାମାଜିକ ଓ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଧାରା ବାହିକ ଭାବେ କିମ କରି ଆସୁଛନ୍ତି । ଜଳବାୟୁକୁ ସନ୍ତୁଳିତ ରଖିବାକୁ ହେଲେ ବୃକ୍ଷ ରୋପଣ ଏବଂ ତାହାର ଯତ୍ନ ହିଁ ଏକ ମାତ୍ର ଭରସା। ଏଣୁ ଏଭଳି ଏକ ବାର୍ତ୍ତା ଦେବା ସହ ପରିବେଶକୁ ସୁରକ୍ଷିତ ରଖିବା ଥିଲା କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ। କ୍ଲବର ସଭାପତି ଶ୍ରୀମତୀ କସ୍ତୁରୀ ସାହୁଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯକ୍ରମ ସମ୍ପାଦନ କରାଯାଇଥିଲା। ସର୍ବୋପରି କ୍ଲବର ବରିଷ୍ଠ ତଥା ଉପଦେଷ୍ଟା ଶ୍ରୀମତୀ ଅଳକା ଦାସ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସମ୍ପାଦିକା ଶ୍ରୀମତୀ ଜ୍ୟୋତିପ୍ରଭା ମହାପାତ୍ର, କୋଷାଧକ୍ଷା ଶ୍ରୀମତୀ ବୁରୁଡି ଲକ୍ଷ୍ମୀ ତଥା କ୍ଲବର ସମସ୍ତ ସଦସ୍ୟାମାନେ ବର୍ଷା ହେବା ସତ୍ତ୍ୱେ ସମ୍ପୂର୍ଣ୍ଣ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ



ଧର୍ମଗଡ଼,୧୦।୭ (ଆନିସ): ଧର୍ମଗଡ଼ ବ୍ଲକ ଟିପିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇ ଯାଇଛି ସମସ୍ତ ଗ୍ରାମବାସୀ ଓ ଅଭିଭାବକ ଉପସ୍ଥିରେ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ନାଏକଙ୍କ ନେତୃତ୍ୟରେ ଗଠିତ ନୂତନ ସଭ୍ୟସଭ୍ୟା ମନୋନୀତ ହୋଇଥିଲେ ୨୦ ଜଣ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ଇନ୍ଦୁମତି ମଙ୍ଗରାଜ ସର୍ବ ସଂମତି କ୍ରମେ ସଭାପତି ଓ ଜଗଦୀଶ ନାଏକଙ୍କୁ ଉପ ସଭାପତି ଭାବେ ଚୟନ କରାଯାଇ ଥିଲା ପ୍ରଥମେ ଶ୍ରୀଯୁକ୍ତ ନାଏକ ସରକାରଙ୍କ ଦ୍ୱାରା ପ୍ରକାଶିତ ପରିଚାଳନା କମିଟିର ମାର୍ଗ ଦର୍ଶିକା ଉପସ୍ଥାପନା କରିଥିଲେ ପରିଚାଳନ କମିଟି ସଭ୍ୟ ସଭ୍ୟା ମାନଙ୍କ ମଧ୍ୟରେ ମନୋଜ କୁମାର ନାଏକ, ରାଜମଲ ନାଏକ, ଜଗଦିଶ ନାଏକ, ଜିତେନ୍ଦ୍ର ନାଏକ, ତ୍ରିଲୋଚନ ଭୋଇ, ପ୍ରତାପ କୁମାର ନାଏକ, ମାନସିଂ ନାଏକ ପ୍ରମୁଖ ସଭ୍ୟ ଭାବେ ମାନିନୀତ ହୋଇଥିବାବେଳେ ରିମାଭୋଇ,

ପଦ୍ମାଳୟା ନାଏକ,ରେବତୀ ନାଏକ,ଶ୍ରୀମତୀ ନାଏକ, ପଙ୍କଜିନୀ ନାଏକ,ଲୋଚନ ନାଏକ ସହ ଶିକ୍ଷକ, ପଦ୍ମଲୋଚନ ନାଏକ ପ୍ରଧାନ ଶିକ୍ଷକ,ଅଂଶୁପା ସେନାପତି ଆଶାକର୍ମୀ, ତରଙ୍ଗିନୀ ନାଏକ, ଅଙ୍ଗନୱାଡି କର୍ମୀ, ହେମକାନ୍ତି ନାଏକ ନାଏବ ସରପଞ୍ଚ, ସଭ୍ୟ ସଭ୍ୟା ଭାବେ ମନୋନୀତ ହୋଇ ଥିଲେ ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଦୁଶାନ୍ତ ନାଏକ, ନାଏବ ସରପଞ୍ଚ ପ୍ରତିନିଧି ବନ୍ଦ କୁମର ନାଏକ, ସାମ୍ବାଦିକ ତେଜନ ଦୁର୍ଗା, ଶିକ୍ଷକ ପ୍ରମୋଦ କୁମାର ନାଏକ, ଲୋଚନ ନାଏକ, ବିକ୍ରମ ନାଏକ, ଅନୁପମା ନିହାର, ଜ୍ୟୋତି ଦୁର୍ଗା, ପୁରୋଷୋତ୍ତମ ଟୋଲଟିଆ , ପ୍ରମୁଖ ଉପସ୍ଥିତ ଥିଲେ

## ସେଲ୍ଫି ନେବା ବେଳେ ନାଳରେ ଖସି ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ



ମୁନିଗୁଡା,୧୦।୭(ଆନିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ସେଲ୍ଫି ନେବା ବେଳେ ନାଳରେ ଖସି ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଅମ୍ବାଦଳା ଥାନା କୁଳେରପଟା ଗ୍ରାମର ଦାସ ପୂଜାରୀଙ୍କ ଏକମାତ୍ର ପୁଅ ଲଳିତ ପୂଜାରୀ (୧୫)। ସେ ଅମ୍ବାଦଳା ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଚଳିତ ଶିକ୍ଷାବର୍ଷର ଦଶମ ଶ୍ରେଣୀର ଛାତ୍ର ଥିଲେ।ସୂଚନା ଅନୁଯାୟୀ, ଗାଁ ନିକଟସ୍ଥ ବୁଜିବାଙ୍ଗ ନାଳରେ ସେଲ୍ଫି ନେଉଥିବା ବେଳେ ପଥର ଉପରୁ ତାଙ୍କର ଗୋଡ଼ ଖସିଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବିଶ୍ୱନାଥପୁର, ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ଏହି ଘଟଣାକୁ ନେଇ ଏବେ ନୂଆ ବିବାଦ ସାମ୍ନାକୁ ଆସିଛି। ସହପାଠୀ ଓ କେତେକ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଲଳିତ ଘଟଣା ଦିନ ବିଦ୍ୟାଳୟକୁ ଯାଇ ମଧ୍ୟାହ୍ନରେ ଘରକୁ ଫେରିବା ପରେ ସେଲ୍ଫି ନେବାକୁ ଯାଇଥିଲେ। ସେମାନଙ୍କ କହିବା ଅନୁସାରେ, ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉପରେ ଯଥେଷ୍ଟ ନଜରଦାରି ରଖାଯାଇନଥିଲା।ଅନ୍ୟପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରୁଣ କୁମାର ରାଉତରାୟ ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଲଳିତ ଘଟଣା ପୂର୍ବରୁ ଦୁଇ ଦିନ ଧରି ବିଦ୍ୟାଳୟକୁ ଆସିନଥିଲେ। ତେବେ ଏଠାରେ ଅନେକ ପ୍ରଶ୍ନ ଉଠିଛି। ଯଦି ଛାତ୍ର ବିଦ୍ୟାଳୟକୁ ଆସିନଥିଲେ, ତେବେ ତାଙ୍କ ସ୍କୁଲ ବ୍ୟାଗ ବିଦ୍ୟାଳୟରେ ରହିଲା କିପରି? ପୁଣି ଅନ୍ୟ ଜଣେ ସହପାଠୀ ସେହି ବ୍ୟାଗକୁ ତାଙ୍କ ଘରେ ପହଞ୍ଚାଇଥିବା କଥା ମଧ୍ୟ ସାମ୍ନାକୁ ଆସିଛି। ଏହି ବିରୋଧାଭାସୀ ତଥ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଉଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ସତ୍ୟ ସାମ୍ନାକୁ ଆଣିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ପର୍ଯ୍ୟଟନ ସ୍ଥଳୀର ବିକାଶ ଦିଗହରା

# ୬୦ ଲକ୍ଷ ଅଟକଳ ବ୍ୟୟରେ ନିର୍ମାଣ ପର୍ଯ୍ୟଟନ କମ୍ପ୍ଲେସ ଭଗ୍ନ ଅବସ୍ଥା



ଥୁଆମୁଳ ରାମପୁର,୧୦।୭ (ଆନିସ): ଥୁଆମୁଳ ରାମପୁର ପର୍ଯ୍ୟଟକଙ୍କ ରହଣି ପାଇଁ ପୂର୍ବ କଂଗ୍ରେସ ସରକାରଙ୍କ ଶାସନ ସମୟରେ ପର୍ଯ୍ୟଟନ ମନ୍ତ୍ରୀ ଭୂପେନ୍ଦ୍ର ସିଂ ଙ୍କ କରକମୋଳରେ ୧୯୯୫ ମସିହାରେ ପ୍ରାୟ ୬୦ ଲକ୍ଷ ଟଙ୍କାର ପର୍ଯ୍ୟଟନ ପ୍ରକଳ୍ପର ଏକ କମ୍ପ୍ଲେସ ର ଉଦଘାଟନୀ ଉତ୍ସବର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବର ସୁଯୋଗ ନେଇ ସ୍ଥାନୀୟ କିଛି ଖଳ ପ୍ରକୃତିର ଲୋକ ମାନଙ୍କ ଦ୍ବାରା ପର୍ଯ୍ୟଟନ ପ୍ରକଳ୍ପ କମ୍ପ୍ଲେସର ଆସବାବପତ୍ର ଏଣେତେଣେ ହୋଇଗଲା। ଲକ୍ଷାଧିକ ଟଙ୍କା ବ୍ୟୟବରାଦରେ ନିର୍ମାଣ କରାଯାଇଥିବା ଅର୍ଥ ଆଜି ପାଣିରେ ପଡିଲା ଭଳି ସଦୃଶ୍ୟ ହୋଇଛି ବୋଲି ଆଲୋଚନା ହେଉଛି। ହଁ ପାଠକ ବନ୍ଧୁ ଆମ୍ଭେ ଏଠାରେ କହିବାକୁ ଚାହୁଁଛୁ ଯେ, ପୂର୍ବ କଂଗ୍ରେସ ସରକାରଙ୍କ ପ୍ରୟାସରେ ନିର୍ମାଣ ହୋଇଥିବା ପର୍ଯ୍ୟଟନ କମ୍ପ୍ଲେସ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ ହୋଇଛି, ତଥାପି ଏକ ମୁଖଶାଖୀ ପାଲଟିଯାଇଛି ତାହା ହେଉଛି ଥୁଆମୁଳ ରାମପୁର ବ୍ଲକ ମୁଖ୍ୟାଳୟ ସ୍ଥିତ ପର୍ଯ୍ୟଟନ ପ୍ରକଳ୍ପ। ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ପାଇଁ ପୂର୍ବତନ କଂଗ୍ରେସ ଓଡିଶା ସରକାର ମାନ୍ୟବର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଭୂପେନ୍ଦ୍ର ସିଂହ ଙ୍କ କରକମୋଳରେ ପ୍ରାୟ ୬୦ ଲକ୍ଷ ଟଙ୍କାର ପର୍ଯ୍ୟଟନ କମ୍ପ୍ଲେସ ନିର୍ମାଣ ପାଇଁ ତା ୦୬/୦୭/ ୧୯୯୫ ମସିହାରେ ଏହାର ଉଦଘାଟନ କରିଥିଲେ। ବର୍ତ୍ତମାନ ଦିନରେ ଏହି ପର୍ଯ୍ୟଟନ ପ୍ରକଳ୍ପ କମ୍ପ୍ଲେସ ଭଗ୍ନ ଅବସ୍ଥାରେ ଦଣ୍ଡାୟ ମାନ। ହେଲେ ଏଥିରେ ଖର୍ଚ୍ଚା ହୋଇଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡିଗଲା। ଥୁଆମୁଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନରେ ଥିବା ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକ ମାନେ ଭ୍ରମଣରେ ଆସି ରହିଣୀ ପାଇଁ ଏହି ପର୍ଯ୍ୟଟନ ପ୍ରକଳ୍ପ ପ୍ରଥମେ ସହାୟତା ଯୋଗାଇ ପାରିଥାନ୍ତା। ଏହାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିବା ପର୍ଯ୍ୟଟନ ପ୍ରକଳ୍ପ କମ୍ପ୍ଲେସ ଆଜି ତାହା ନାହିଁ କଂଗ୍ରେସ ସରକାରଙ୍କ ସମୟରେ ଥୁଆମୁଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନରେ ଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ କ୍ଷେତ୍ରରେ ଆଗେଇବା ବଦଳରେ ବର୍ତ୍ତମାନ ବହୁ ପଛକୁ ଘୁଞ୍ଚିଯାଇଥିବା ମନେହୁଏ ଏହି ପ୍ରକଳ୍ପ ଯଦି ଅଞ୍ଚଳରେ ଶୋଭା ବଢ଼ିବାରେ ସହାୟକ ହୋଇବା ପରବର୍ତ୍ତେ ଆଜି ତାହା ଶ୍ରୀହୀନ ହୋଇଯାଇଛି। ପର୍ଯ୍ୟଟନ ସ୍ଥଳୀ ଅଛି ପାରିପାର୍ଶ୍ବିକ ବିକାଶ ମଧ୍ୟ ହୋଇନାହିଁ। ଅଞ୍ଚଳକୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ପାଇଁ ରହଣି ପାଇଁ ଜାଗା ଖଣ୍ଡେ ନାହିଁ ତେଣୁ ପର୍ଯ୍ୟଟକ ମାନେ ଏଠାକୁ ଆସିବା ପାଇଁ ମୁହଁ ଫେରାବା ପାଇଁ ବାଧ ହେଉଥିବା ଦେଖାଦେଇଛି। ଅଞ୍ଚଳରେ ଥିବା ରଜାରାଜୁଡା ସମୟରେ ନିର୍ମାଣ ହୋଇଥିବା ମାଁ ମାଣିକେଶ୍ବରୀ ଦେବୀଙ୍କ ସୁନ୍ଦର ଭବ୍ୟ ମନ୍ଦିର, ରାଜସ୍ୱ ବଙ୍ଗଳା ଏପରି ଅନେକ କିଛି ପୁଣି ହିତକର ଜଳବାୟୁ, ସୁନ୍ଦର ପାହାଡ ପର୍ବତ, କୁଳୁକୁଳୁ ନାଦ ସୁନ୍ଦର ଝରଣା, ଛୋଟବଡ ଜଳପ୍ରପାତ, ପକ୍ଷୀଙ୍କ କାକଳିକ ଶବ୍ଦ ଜନମାନସକୁ ବିମୋହିତ କରିପକାଏ ଏଭଳି ମନୋରମ ସୁନ୍ଦର ସ୍ଥାନ ରହିଥିବା ବେଳେ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ କିଛି କମନାହି କିନ୍ତୁ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏଭଳି ସୁନ୍ଦର ପରିବେଶରେ ପରିପୂର୍ଣ୍ଣ ଥୁଆମୁଳ ରାମପୁର ବ୍ଲକ ତାର ପୂର୍ବ ଗୌରବ ହରାଉଥିବା ଭଳି ମନେ ହୁଏ। ଏହାକୁ ଦୃଷ୍ଟିରେ ରଖି ଏକ ସୁନ୍ଦର ପର୍ଯ୍ୟଟନ ପ୍ରକଳ୍ପ କମ୍ପ୍ଲେସ ନିର୍ମାଣ କରାଯାଇଥିଲା। ଭଗ୍ନାବଶେଷ ପର୍ଯ୍ୟଟନ ପ୍ରକଳ୍ପ କମ୍ପ୍ଲେସ ହିଁ ବର୍ତ୍ତମାନ ବିରମାନ ରହିଛି। ତେବେ ଏହାର ଉନ୍ନତି କରଣ ପାଇଁ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି କାହିଁକି ଇଛା ପ୍ରକାଶ କରୁନାହାନ୍ତି ବୋଲି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## ଯୁବ ଭୋଟର ପଞ୍ଜୀକରଣ ନିମନ୍ତେ ସଚେତନତା କର୍ମଶାଳା

# ଚିହ୍ନଟ ହେଲେ ଅଣପଞ୍ଜିକୃତ୍ ଯୁବ ଭୋଟର



ରାୟଗଡ଼ା,୧୦।୭(ଆନିସ) ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ଆଶୁତୋଷ କୁଲକର୍ଣି ଭା ପ୍ର ସେଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ ଜିଲ୍ଲାରେ ଯୁବ ଭୋଟରଙ୍କ ଚିହ୍ନଟ ଓ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ।ରାୟଗଡ଼ ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ଅଧକ୍ଷତାରେ ଶୁକ୍ରବାର ଦିନ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ପରିସଁରରେ ଏକ ଯୁବ ଭୋଟର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ ବିଡ଼ିଓ ସୁଜିତ କୁମାର ମିଶ୍ର, ସହକାରୀ ଜିଲ୍ଲାପାଳ କୈଳାଶ ଚନ୍ଦ୍ର ସ୍ୱାଇଁ ଓ ପ୍ରଫୁଲ୍ଲ କୁମାର ବେହେରା, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ: ରାଜେଶ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ସୁଦୃଢ଼ ଗଣତନ୍ତ୍ର ନିମନ୍ତେ ନିର୍ଭୁଲ ଭୋଟର ତାଲିକାର ଆବଶ୍ୟକତା ସହ ଯୁବପିଢ଼ି ଯେପରି ଶତ ପ୍ରତିଶତ ପଞ୍ଜିକରଣ ହେବେ ସେଥି ପ୍ରତି ସଙ୍କଳ୍ପବଦ୍ଧ ହେବାକୁ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ରମେଶ କୁମାର ଜେନା କହିଥିଲେ । ଜଣେ ମଧ୍ୟ ଯୋଗ୍ୟ ଭୋଟର ଯେପରି ବାଦ୍ ପଡ଼ିବେ ନାହିଁ ଏବଂ କୌଣସି ଅଯୋଗ୍ୟ ଭୋଟର ତାଲିକାରେ ରହିବେନାହିଁ, ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ବିଡ଼ିଓ ଶ୍ରୀ ସୁଜିତ କୁମାର ମିଶ୍ର ନିର୍ବାଚନ ପ୍ରକ୍ରିୟା, ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କିତ ସଚେତନତା ବାର୍ତ୍ତା ସହ ଭୋଟର ସାକ୍ଷରତା କ୍ଲବର ସଦସ୍ୟଙ୍କ ଭୂମିକା ବିଷୟରେ ଉପସ୍ଥାପନ କରିଥିଲେ । ଉଭୟ ସହକାରୀ ଜିଲ୍ଲାପାଳ ଭାରତୀୟ ସମ୍ବିଧାନ ଓ ଆର ପି ଆକ୍ଟ ରେ ଭୋଟର ତାଲିକା ପ୍ରସ୍ତୁତି, ଭୋଟରଙ୍କ ଯୋଗ୍ୟତା, ଏଥିନିମନ୍ତେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ବରିଷ୍ଠ ଶିକ୍ଷକ ତଥା ସମ୍ବଳ ବ୍ୟକ୍ତି ନିଳାଞ୍ଚଳ ମିଶ୍ର ସୁସ୍ଥ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ବ୍ୟବହୃତ ଭୋଟରଙ୍କ ଯୋଗ ନିମନ୍ତେ ଫର୍ମ ୬, ବାଦ୍ ନିମନ୍ତେ ଫର୍ମ ୭ ଓ ସଂଶୋଧନ ,ସ୍ଥାନାନ୍ତର ଆଦି ନିମନ୍ତେ ଫର୍ମ ୮ ର ବ୍ୟବହାର ସହ ଅନଲାଇନ ରେ କିଭଳି ଭାବେ ନିଜ ନାମ ଯାଞ୍ଚ କରିବେ, ଦାବି ଓ ଅଭିଯୋଗ ଦାଖଲ କରିବେ , ତାହାର କୌଶଳ ବର୍ଣ୍ଣନା କରିଥିଲେ । ଜିପିଡିଓ ସ୍ମୃତିରେଖା ନାୟକ, ବୁଥ ଅଧିକାରୀ ଚିନ୍ତାମଣି ବେହେରା ଓ ମଣିକଣ୍ଠ ସାହୁ, ସୁପରଭାଇଜର ଫକୀର ମୋହନ ଦାସ ପ୍ରମୁଖ ଉପସ୍ଥିତ ରହି ଭୋଟର ହେଲ୍ପ ଲାଇନ ଆପ ର ବ୍ୟବହାର କୌଶଳ ଶିକ୍ଷାରେ ସହଯୋଗ କରିଥିଲେ ।ଶେଷରେ ଶିକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଜ୍ଞା ପ୍ରସାଦିନି ପଟ୍ଟନାୟକ,ସୁମନ କୁମାର ଧାଲି, ଶିଖାଞ୍ଜଳି ନାଗ, ଅଭିଷେକ କୁମାର ଓ ବିତେଶ ସଜ୍ଜନ ନାୟକ ପ୍ରମୁଖ ଶିକ୍ଷାର୍ଥୀ ମୁଁ ଜଣେ ଭୋଟର ହୋଇ ଗର୍ବିତ ଏବଂ ଆମେ କାହିଁକି ଭୋଟର ହେବା ବିଷୟରେ ନିଜେ ଆତ୍ମଶ୍ଳାଘୀ ଅଭିଭାଷଣ ପାଇଁ ବରେଣ୍ୟ ଅତିଥିବୃନ୍ଦଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ନିର୍ଦ୍ଦେଶକ ଡ: ରାଜେଶ ପାଢ଼ୀ ସମସ୍ତ ବରେଣ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସୁଦୃଢ଼ ଗଣତନ୍ତ୍ର ନିମନ୍ତେ ସେଞ୍ଚୁରିଅନ ସର୍ବଦା ଚେଷ୍ଟିତ ଏବଂ ପ୍ରଶାସନକୁ ଆବଶ୍ୟକ ସହଯୋଗ କରି ଆସୁଥିବା ପ୍ରକାଶ କରିଛନ୍ତି ।ରାୟଗଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅନୁଷ୍ଠାନରେ ଭୋଟର ସଚେତନତା ନିମନ୍ତେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ କାର୍ଯ୍ୟସୂଚୀ ଜାରି କରାଯାଇଛି । ନିଜ କ୍ଷେତ୍ରରେ ଚିଠା ଭୋଟର ତାଲିକା ଯାଞ୍ଚ ସହ ନୂତନ ଭୋଟର ପଞ୍ଜୀକରଣ ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ବିଡ଼ିଓ , ତହସିଲଦାର ଓ ରାୟଗଡ଼ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଉପଜିଲ୍ଲାପାଳ ଶ୍ରୀ ରମେଶ କୁମାର ଜେନା କହିଛନ୍ତି।

## ଦୁଇ ମାସ ହେଲା ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ନାହିଁ

# ଧାର କରି ରୋଷେଇ କରୁଛନ୍ତି ଏସ୍ଏଚ୍ଜି ମହିଳା

ମୁନିଗୁଡା,୧୦।୭(ଆନିସ) ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅଧୀନ ଗଣଶିକ୍ଷା ବିଭାଗର ବିଭିନ୍ନ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା ପାଇଁ ଗତ ଦୁଇ ମାସ ଧରି ଚାଉଳ ଯୋଗାଣ ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଯୋଜନା ପରିଚାଳନାରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ର ମହିଳାମାନେ ସ୍ଥାନୀୟ ଦୋକାନରୁ ଧାର ଉଧାର କରି ରୋଷେଇ କରି ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଉଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ, ବ୍ଲକର ଅନେକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ଚାଉଳ ମହଜୁତ ସମ୍ପୂର୍ଣ୍ଣ ଶେଷ ହୋଇଯାଇଛି। ତଥାପି ଛାତ୍ରଛାତ୍ରୀଙ୍କ ଭୋଜନ ବନ୍ଦ ନ ହେଉ ବୋଲି ଏସ୍ଏଚ୍ଜି ମହିଳାମାନେ ବାଧ୍ୟ ହୋଇ ଧାରରେ ଚାଉଳ ଆଣି ରୋଷେଇ କରୁଛନ୍ତି। ଦୀର୍ଘ ଦୁଇ ମାସ ଧରି ଏପରି ଅବସ୍ଥା ଲାଗି ରହିଥିବାରୁ ସେମାନଙ୍କ ଉପରେ ଆର୍ଥିକ ବୋଝ ବଢ଼ିଚାଲିଛି ।ଏସ୍ଏଚ୍ଜି ସଦସ୍ୟାମାନଙ୍କ କହିବା ଅନୁଯାୟୀ, ପିଲାମାନଙ୍କ ଭୋଜନ ବନ୍ଦ କରିବା ସମ୍ଭବ ନୁହେଁ। ସେଥିପାଇଁ ନିଜ ଦାୟିତ୍ୱବୋଧରୁ ଧାର ଉଧାର କରି ରୋଷେଇ କରୁଛନ୍ତି। କିନ୍ତୁ ସରକାରୀ ଯୋଗାଣ କେବେ ସ୍ୱାଭାବିକ ହେବ, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ। ଉକ୍ତ ପ୍ରସଙ୍ଗକୁ ନେଇ ବିଭାଗୀୟ ଅଧିକାରୀ ମାନଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରିନାହିଁ।ଏହି ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଶିକ୍ଷା ବିଭାଗ ତୁରନ୍ତ ଚାଉଳ ଯୋଗାଣ ସ୍ୱାଭାବିକ କରିବା ସହ ଏସ୍ଏଚ୍ଜି ମହିଳାମାନଙ୍କ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଧ୍ୟାତ୍ମିକ ସଭା ଆୟୋଜିତ



ଜୟପୁର,୧୦।୭ (ଆନିସ): ଆଗ୍ରସେନ ଭାବନରେ ସଭାପତି ପ୍ରକାଶ ନାୟକଙ୍କ ଅଧକ୍ଷୟତା ରେ ଏକ ଆଧ୍ୟାତ୍ମିକ ସଭା ଆୟୋଜିତ ହୋଇଯାଇଛି। ଏହି ସଭାରେ ଶାନ୍ତି କୁଞ୍ଜରୁ ଆସିଥିବା ଭାଇ ମୁଖ୍ୟ ବକ୍ତା ମଙ୍ଗଳ ସିଂହ ଗଡବଲ ବହୁତ ସରଳ ଭାବରେ ଗାୟତ୍ରୀ ମନ୍ତ୍ର ଏବଂ ଜଜ୍ଞ୍ୟ ବିଷୟରେ ବୁଝାଇଥିଲେ।

ଓଡ଼ିଶାର ମୁଖ୍ୟ ଜୋନ ପରିଚାଳକ,ଷୌମିତ୍ରା ଥନପତି ନୁରସିଂହ ସିଂହ, ରାୟଗଡା ଜିଲ୍ଲା ପରିଚାଳକ, ବାଲ୍ମୀକି ପ୍ରଧାନ ତିନଟି ଜିଲ୍ଲାର ପରିଚାଳକ ଉପସ୍ଥିତି ଥିଲେ।

ଏବଂ ମୁଖ୍ୟ ଅତିଥି ତାରା ପ୍ରସାଦ ବାହିନୀପତି ବିଧାୟକ ଜୟପୁର ମନୁଷ୍ୟ କିପରି ଖୁସିରେ ରହି ପାରିବ, ଲୋକେ ଶୃଙ୍ଖଳିତ କିପରିରହିବେ,ପିଲାଙ୍କୁ ସଂସ୍କାର କରିବା କଥା ଏବଂ ନିଜେ ଭଲ ମଣିଷ ହେବା କଥା କହିଥିଲେ।ଅସାନ୍ତାରୁ କିପରି ମୁକ୍ତି ପାଇପାରିବେ, ଠକାମୀ ଠାରୁ କିପରି ଦୁରେଇ ରହିପାରିବେ ଏଭଳି ଅନେକ କଥା କହି ସମସ୍ତଙ୍କ ମଙ୍ଗଳ ହେବା କଥା କହିଥିଲେ।ଯାହାକି ଆମେ ଆମ ବଡ଼ଙ୍କ ଠାରୁ ଶିଖିବା କଥା ବୋଲି ବୁଝାଇ ଥିଲେ। ବିଭିନ୍ନ କମିଟି ତିଆରି କରି ସମସ୍ତଙ୍କ ସାହାଯ୍ୟ ରେ ଆମେ ଏହି କାର୍ଯ୍ୟକୁ ଭଲ ଭାବରେ କରିବା ବୋଲି କହିଥିଲେ।

ଆୟୋଜକ ଜୟପୁର ଗାୟତ୍ରୀ ପରିବାର ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ ଏବଂ ଆଗାମି ଦିନରେ

ପଟନାୟକ ଗୁଡା ଠାରେ ହେବାକୁ ଯାଉଛି ୨୫୧ କୁଣ୍ଡିୟ ଗାୟତ୍ରୀ ମାହାୟଜ୍ଞ୍ୟକି ପରି ସୁରୁଖୁରୁରେ ହୋଇ ପାରିବ ଆଲୋଚନା କରିଥିଲେ।

ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଜ୍ଞାନୀ ଗୁଣି ବ୍ୟକ୍ତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା।

# ୭୭ ତମ ଜିଲ୍ଲାସ୍ତରୀୟ ବନମହୋତ୍ସବ ୨୦୨୬ ପାଳିତ

ଭବାନୀପାଟଣା,୧୦।୭ (ଆନିସ): ଗତ ତା ୦୯/୦୭/ ୨୦୨୬ ରିଖ ଗୁରୁବାର ଦିନ ଭବାନୀପାଟଣା ସ୍ଥିତ ଟାଉନ ହାଇସ୍କୁଲ ଠାରେ କଳାହାଣ୍ଡି ଉତ୍ତର ବନଖଣ୍ଡ ତରଫରୁ ଜିଲ୍ଲା ସ୍ତରୀୟ ୭୭ ତମ ବନମହୋତ୍ସବ ୨୦୨୬ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବର କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବରେ ଜୁନାଗଡ ବିଧାୟକ କ୍ୟାପଟେ ଦିବ୍ୟଶଙ୍କର ମିଶ୍ର,ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଜିଲ୍ଲା ବିଜେପି ସଭାପତି ଶ୍ରୀଯୁକ୍ତ ଯୁଗଳ କିଶୋର ପୋଦ୍ଦ, ଜିଲ୍ଲା ବନଖଣ୍ଡ ଅଧିକାରୀ କଲାଇ ବଜନ ଆର, କେନ୍ଦ୍ରୀୟ ସୁରକ୍ଷା ବଳ ରୁ ଡେପୁଟି କମାଣ୍ଡଡେଣ୍ଟ, ଜିଲ୍ଲା କ୍ରୀଡା ଅଧିକାରୀ ଏବଂ ଭବାନୀପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧିକାରୀ ଏ,ସି,ଏଫ ଲିଲି ଅମାତ୍ୟା ପ୍ରମୁଖ ଉପସ୍ଥିତ ରହି ୭୭ ତମ ବନମହୋତ୍ସବ ୨୦୨୬ ପାଳନ ଅବସରରେ ଟାଉନ୍ ହାଇସ୍କୁଲ ପରିସରରେ ବିଭିନ୍ନ ପ୍ରଜାତିର ଚାରାବୃକ୍ଷ ରୋପଣ କରିଥିବା ବେଳେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୁଇଗୋଟି ଶ୍ରେଷ୍ଠ ବନସଂରକ୍ଷଣ ସମିତିକୁ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର ରାଶି ୫୦ ହଜାର ଟଙ୍କାର ହିସାବରେ ଏକ ଚେକ ପ୍ରଦାନ କରାଯାଇଛି ସେହି ଦୁଇଗୋଟି ସମିତିଙ୍କ ମଧ୍ୟରେ ରହିଛନ୍ତି ପୁଜିଲଡୁ ବନସଂରକ୍ଷଣ ସମିତି ଏବଂ ସୁରୁଗୁଡା ବନସଂରକ୍ଷଣ ସମିତି ଦ୍ବୟ ସମିତିର କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥି ଚେକ ପ୍ରଦାନ କରିଥିଲେ। ଶେଷରେ ଏସିଏଫ ମ୍ୟାଡମ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଟାଉନ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗରେଖ ସାହୁଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପବିତ୍ର କାର୍ଯ୍ୟକ୍ରମରେ କଳାହାଣ୍ଡି ଉତ୍ତର ବନଖଣ୍ଡ ଭବାନୀପାଟଣା ରେଞ୍ଜର ସମସ୍ତ ବନକର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ଟାଉନ ହାଇସ୍କୁଲ ର ସମସ୍ତ ଶିକ୍ଷକଶି କ୍ଷୟିତ୍ରୀ ସମେତ୍ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ପବିତ୍ର କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଶ୍ରୀଯୁକ୍ତ ଭବନୀ ଶଙ୍କର ପରିଛା ବନପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜାମ ପୋଲିସର ବେଆଇନ ବିସ୍ଫୋରକ ବିରୋଧରେ ସ୍ୱତନ୍ତ୍ର ଅଭିଯାନ,୨୪ ଗିରଫ

ଛତ୍ରପୁର, ୧୦।୭ (ଆନିସ): ଗଞ୍ଜାମ ପୋଲିସ ପକ୍ଷରୁ ବେଆଇନ ବିସ୍ଫୋରକ ସାମଗ୍ରୀର ମହଜୁଦ, ପରିବହନ ଓ ବ୍ୟବହାରକୁ ରୋକିବା ପାଇଁ ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା।

ଏହି ଅଭିଯାନରେ ବିସ୍ଫୋରକ ଆଇନ, ବିସ୍ଫୋରକ ପଦାର୍ଥ ଆଇନ, ଭାରତୀୟ ନ୍ୟାୟ ସଂହିତା ଏବଂ ଓଡ଼ିଶା ଆତସବାଜି ଓ ଲାଉଡସ୍ପିକର ନିୟନ୍ତ୍ରଣ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

ଏହି ଅଭିଯାନରେ ୧୮ଟି ମାମଲା ରୁଜୁ ହୋଇଥିବାବେଳେ ୨୪ ଜଣଙ୍କୁ ଗିରଫ କରାଯାଇଛି। ଏହାସହ ଏହି ମାମଲାରେ ଆଇନ ଅନୁଯାୟୀ ନୋଟିସ ମଧ୍ୟ ଜାରି କରାଯାଇଛି।

ପୋଲିସ ୧୪ ହଜାରରୁ ଅଧିକ ଜେଲାଟିନ ଷ୍ଟିକ୍, ୩୪୦ରୁ ଅଧିକ ଡେଟୋନେଟର, ୧,୧୦୦ କିଲୋଗ୍ରାମରୁ ଅଧିକ ଆମୋନିୟମ୍ ନାଇଟ୍ରେଟ୍, ବ୍ଲାଷ୍ଟିଂ ୱାୟାର, କେଲକର୍ଡ, ବାରୁଦ, ସଲଫର, ସୋଡିୟମ୍ ନାଇଟ୍ରେଟ୍, ଧାତୁ ଗୁଣ୍ଡ ସହ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହା ସହ ବେଆଇନ ଭାବେ ରଖାଯାଇଥିବା ଆତସବାଜି, ଅପରାଧରେ ବ୍ୟବହୃତ ଯାନବାହନ ଓ ଖନନ ଉପକରଣ ମଧ୍ୟ ଜବତ କରାଯାଇଛି।

ସେହିପର ଅଭିଯାନ ସମୟରେ ବେଲଗାଁ ଥାନା ପୋଲିସ ୧୨,୪୦୦ ଜେଲାଟିନ ଷ୍ଟିକ୍ ଓ ୪୭ କଏଲ୍ ବ୍ଲାଷ୍ଟିଂ ୱାୟାର, କେ.ଏସ୍. ନଗର ଥାନା ପୋଲିସ ୨,୦୦୦ ଜେଲାଟିନ ଷ୍ଟିକ୍, ୫୦ ଡେଟୋନେଟର, ୫୦ କିଲୋଗ୍ରାମ ଆମୋନିୟମ୍ ନାଇଟ୍ରେଟ୍ ଓ ବ୍ଲାଷ୍ଟିଂ ୱାୟାର ଜବତ କରିଛି।

ପୋଲସରା ଥାନା ପୋଲିସ ୧,୦୦୦ କିଲୋଗ୍ରାମ ଆମୋନିୟମ୍ ନାଇଟ୍ରେଟ୍ ଏବଂ ଛତ୍ରପୁର ଥାନା ପୋଲିସ ଜେଲାଟିନ ଷ୍ଟିକ୍, ଡେଟୋନେଟର ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏଥିସହ ଜିଲ୍ଲାର ବିଭିନ୍ନ ଥାନାରେ ବେଆଇନ ଭାବେ ଆତସବାଜି ଗଚ୍ଛିତ ଓ ବିକ୍ରି ସମ୍ପର୍କିତ ଏକାଧିକ ମାମଲା ଚିହ୍ନଟ କରାଯାଇଛି। ଗଞ୍ଜାମ ପୋଲିସ ପକ୍ଷରୁ କୁହାଯାଇଛି ଯେ ,ବେଆଇନ ବିସ୍ଫୋରକ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ। ସେହିପରି ସନ୍ଦେହଜନକ ବିସ୍ଫୋରକ ସାମଗ୍ରୀର ମହଜୁଦ, ପରିବହନ କିମ୍ବା ବିକ୍ରି ସମ୍ପର୍କରେ କୌଣସି ସୂଚନା ମିଳିଲେ ନିକଟସ୍ଥ ଥାନା କିମ୍ବା ଜରୁରୀକାଳୀନ ହେଲ୍ପଲାଇନ ୧୧୨ରେ ଜଣାଇବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି।

# ତୃଣମୂଳ ସ୍ତରରେ ଦୀର୍ଘସ୍ଥାୟୀ ବିକାଶ ଯୋଜନା ପ୍ରସ୍ତୁତି ସମ୍ପର୍କିତ କର୍ମଶାଳା



ରାୟଗଡ଼ା,୧୦।୭(ଆନିସ) ରାୟଗଡ଼ାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବାର ଲକ୍ଷ୍ୟ ନେଇ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମ ପଞ୍ଚାୟତ ସ୍ତରୀୟ ପ୍ରତିନିଧି ଓ କର୍ମଚାରୀଙ୍କ ବିକାଶ ଯୋଜନା ପ୍ରସ୍ତୁତି ସମ୍ପର୍କିତ କର୍ମଶାଳା ସମସ୍ତ ବ୍ଲକ୍ ସ୍ତରରେ ଅନୁଷ୍ଠିତ ହେଉଛି ।ରାୟଗଡ଼ ବ୍ଲକ ସଦଭାବନା ଗୃହରେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହାର ଉଦଘାଟନୀ ଉତ୍ସବରେ ବିଡ଼ିଓ ସୁଜିତ କୁମାର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ରଥ, ରାଜ୍ୟ ସମ୍ବଳ ବ୍ୟକ୍ତି ରବି ନାରାୟଣ ଶତପଥୀ, ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଦିପ୍ତୀ ବଟଲାଭଦ୍ରା, ବ୍ଲକ୍ ଫାଇନାନ୍ସ ଅଧିକାରୀ ହିମାଳୟ ଶବର, ଜିପିଡିଓ ସ୍ମୃତିରେଖା ନାୟକ, ସମ୍ବଳ ଶିକ୍ଷକ ନିଳାଞ୍ଚଳ ମିଶ୍ର ଓ ବୈଶ୍ୟୟିକ ସଂଯୋଜକ ଯୋଗେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।ଆଗାମୀ ଅଗଷ୍ଟ ମାସରେ ଗ୍ରାମସଭା ମାଧ୍ୟମରେ ପ୍ରତି ଗ୍ରାମ୍ୟ ପଞ୍ଚାୟତ ସ୍ତରରେ ଆଗାମୀ ବର୍ଷ ନିମନ୍ତେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ ହେବ । ଅଞ୍ଚଳର ସମସ୍ୟା ମୌଳିକ ସମସ୍ୟା ଗୁଡ଼ିକୁ ଦୃଷ୍ଟିରେ ରଖି ଏହି ଯୋଜନା ହେବ । ଏଣୁ ସମସ୍ତ ବିଭାଗ ଓ ସ୍ଥାନୀୟ ପ୍ରତିନିଧିଙ୍କ ସଚେତନତା ଏକ ସନ୍ତୁଳିତ ଯୋଜନା ର ରୂପରେଖ ପ୍ରଦାନ କରିବ ବୋଲି ବିଡ଼ିଓ ସୁଜିତ କମାର ମିଶ୍ର ଆଶା ପ୍ରକଟ କରିଛନ୍ତି ।

# ଜରଡ଼ା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ: ସୁରକ୍ଷା ଓ ସୁପରିଚାଳନା ଉପରେ ଗୁରୁତ୍ୱ

ପାତ୍ରପୁର, ୧୦।୭ (ଆନିସ): ଆସନ୍ତା ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ଏକାଦଶୀ ଉପଲକ୍ଷେ ପାତ୍ରପୁର ବ୍ଲକ ଅନ୍ତର୍ଗତ ଜରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାତ୍ରପୁର ତହସିଲଦାର ଅଶୋକ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ସୁପରିଚାଳିତ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ, ଜରଡା ସରପଞ୍ଚ ତିଳ ବେହେରା, ସମିତି ସଭ୍ୟ ସନ୍ତୋଷ କୁମାର ପ୍ରଧାନ, ନାଏବ ସରପଞ୍ଚ ମାଧବ ବାଡତ୍ୟା, ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା, ଡାକ୍ତର କିରଣ କୁମାର ସୁବୁଦ୍ଧି ଏବଂ ସାମନ୍ତିଆପଲ୍ଲୀ ଭରତପତି ମହାବିଦ୍ୟାଳୟର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିସହ ବିଭିନ୍ନ ବିଭାଗର ଅଧିକାରୀ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ଡ୍ରାଇଭର ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ମତ ରଖିଥିଲେ।

ରଥଯାତ୍ରା ସମୟରେ ଆଇନଶୃଙ୍ଖଳା, ଟ୍ରାଫିକ ପରିଚାଳନା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ଭକ୍ତମାନଙ୍କ ସୁରକ୍ଷା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା। ଉତ୍ସବର ସଫଳ ଆୟୋଜନ ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ଜନସାଧାରଣଙ୍କ ସକ୍ରିୟ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

ପ୍ରସ୍ତୁତି ବୈଠକରେ କାଳୀ ପ୍ରସାଦ ପଣ୍ଡା, ସନ୍ତୋଷ କୁମାର ପାତ୍ର, ସୁରେଶ ପ୍ରଧାନ, ଶଶାଙ୍କ କୁମାର ପ୍ରଧାନଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ଓ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଶେଷରେ ପିଇଓ ନିଗମାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲକାନଗିରି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ

## ବୃକ୍ଷରୋପଣ ସହ ପରିବେଶ ସୁରକ୍ଷାର ବାର୍ତ୍ତା



ମାଲକାନଗିରି, ୧୦।୭ (ଆନିସ): ରାଜ୍ୟ ଆଇନ୍ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲାରେ ବନ ମହୋତ୍ସବ ସପ୍ତାହ ମହାସମାରୋହରେ ପାଳିତ ହୋଇଯାଇଛି। ପରିବେଶର ସନ୍ତୁଳନ ରକ୍ଷା ଏବଂ ବ୍ୟାପକ ସବୁଜିମା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଅଭିଯାନରେ ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇଛି। ଗତ ୦୬.୦୭.୨୦୨୬ ରିଖ ଦିନ ଜିଲ୍ଲା ଦୌରା ଜଜ୍‌ଙ୍କ ବାସଭବନ କାର୍ଯ୍ୟାଳୟ ପରିସରରେ ପ୍ରଥମ ପର୍ଯ୍ୟାୟ ବୃକ୍ଷରୋପଣ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ, ୦୭.୦୭.୨୦୨୬ ରିଖ ଦିନ ମାଲକାନଗିରି ମହିଳା ମହାବିଦ୍ୟାଳୟ ପରିସରରେ ବ୍ୟାପକ ଚାରାରୋପଣ କରାଯାଇ ଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।ଏହି ସବୁଜ ଅଭିଯାନରେ ଜିଲ୍ଲାର ବହୁ ପ୍ରତିଷ୍ଠିତ ନ୍ୟାୟିକ ଅଧିକାରୀ ପ୍ରମୁଖ ସାମିଲ ହୋଇ ପ୍ରକୃତିର ସୁରକ୍ଷା ପାଇଁ ଆଗେଇ ଆସିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଦୌରା ଜଜ୍ କୁମାରୀ ରାଜଲକ୍ଷ୍ମୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ଶାନ୍ତନୁ କୁମାର ଦାଶ, ଏବଂ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୀ ଡଃ ପ୍ରଦୀପ କୁମାର ପ୍ରଧାନ ଉପସ୍ଥିତ ରହି ନିଜ ହାତରେ ଚାରା ରୋପଣ କରିଥିଲେ। ଏମାନଙ୍କ ସହ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ସୁଶ୍ରୀ ସଙ୍ଗୀତା ପାତ୍ର, ମହିଳା ଅଦାଲତର ଦଣ୍ଡାଧିକାରୀ ଶ୍ରୀମତୀ ସିଲା ପ୍ରିୟଦର୍ଶିନୀ ପଣ୍ଡା, ରେଜିଷ୍ଟ୍ରାର ଶ୍ରୀମତୀ ସୁନନ୍ଦା ପ୍ରଧାନ, ଏବଂ ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମତୀ ଲୋପାମୁଦ୍ରା ପ୍ରକାଶ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଦଣ୍ଡାଧିକାରୀ ଶ୍ରୀମତୀ ପ୍ରତିମା ସାହୁ, ଗ୍ରାମ୍ୟ ନ୍ୟାୟାଧିଶ ଶ୍ରୀମତୀ ପରିଣିତା ନାୟକ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀ ଆଦିତ୍ୟ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହ ବର୍ତ୍ତମାନର ଗ୍ଲୋବାଲ ୱାର୍ମିଂ ସମୟରେ ପ୍ରକୃତିର ସୁରକ୍ଷା କେତେ ଜରୁରୀ ସେ ବିଷୟରେ ଆଲୋକପାତ କରିଥିଲେ। କେବଳ ଗଛ ଲଗାଇବା ନୁହେଁ, ବରଂ ତା'ର ଉପଯୁକ୍ତ ରକ୍ଷଣବେକ୍ଷଣ କରି ସେଗୁଡିକୁ ବଞ୍ଚାଇ ରଖିବାକୁ ଏହି ଅବସରରେ ସମସ୍ତେ ସଂକଳ୍ପ ନେଇଥିଲେ।

# ମାଲକାନଗିରି ଗସ୍ତରେ କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ମହମୁଦ ଅହମ୍ମଦ: ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ସମୀକ୍ଷା

ମାଲକାନଗିରି,୧୦।୭ (ଆନିସ): କେନ୍ଦ୍ର ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ମାଲକାନଗିରି ଜିଲ୍ଲାର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ମହମୁଦ ଅହମ୍ମଦ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିବା ସହ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ଜିଲ୍ଲାରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଓ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଶ୍ରୀ ଅହମ୍ମଦ ପୂର୍ବାହ୍ନରେ ଚିତ୍ରକୋଣ୍ଡା ଗସ୍ତ କରି ସେଠାରେ ଥିବା ଉପଖଣ୍ଡ ଚିକିତ୍ସାଳୟ ଏବଂ ସେଣ୍ଟର ଫର ଏକ୍ସଲେନ୍ସ ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବାର ଅନୁଧ୍ୟାନ କରିଥିଲେ। ଏହାପରେ ସେ ଗୋଜାଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଲାଉଗୁଡ଼ାଠାରେ ଚାଲିଥିବା ଆଧୁନିକ ଡ୍ରାଗନ ଫ୍ରୁଟ୍ ଚାଷର ଅଗ୍ରଗତି ପରଖିଥିଲେ। ବଡ଼ପଦା ଶିକ୍ଷା ସଙ୍କୁଳ ପରିଦର୍ଶନ ସମୟରେ ସେ ଛାତ୍ରଛାତ୍ରୀମାନଙ୍କ ସହ ସେମାନଙ୍କ ପାଠପଢ଼ା, ସୁବିଧା ଓ ଅସୁବିଧା ବିଷୟରେ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ। ଏହା ସହିତ କାଲିମେଳା ବ୍ଲକର ଭେଙ୍କଟପାଲମଠାରେ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ଏବଂପଞ୍ଚାୟତ ପଲ୍ଲୀ ଉନ୍ନୟନ ମିଶନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ।

ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ କେନ୍ଦ୍ରୀୟ ପ୍ରଭାରୀଙ୍କୁ ଉତ୍ତରୀୟ ଓ ବୃକ୍ଷ ଚାରା ପ୍ରଦାନ କରି ସ୍ୱାଗତ କରିଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ।

ଏହି ବୈଠକରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରାଜାରାମ ମଲ୍ଲିକ ଜିଲ୍ଲାର ୩ଟି ଆକାଂକ୍ଷୀ ବ୍ଲକ ମାଥିଲି, ଖୈରପୁଟ ଓ ଚିତ୍ରକୋଣ୍ଡା ସମେତ ସମଗ୍ର ଜିଲ୍ଲାରେ ଚାଲିଥିବା ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ର ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଶ୍ରୀ ଅହମ୍ମଦ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମୀଣ ଅଭିବୃଦ୍ଧି ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକର ସମୀକ୍ଷା କରି ସମସ୍ତ ବିଭାଗକୁ ସେମାନଙ୍କର ଲକ୍ଷ୍ୟଧାର୍ଯ୍ୟ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ସ୍କୁଲଗୁଡ଼ିକରେ କାର୍ଯ୍ୟକ୍ଷମ ମହିଳା ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା, ଚାଷୀଙ୍କ ପାଇଁ ଫସଲ ବୀମା, ମାଣ୍ଡିଗୁଡ଼ିକୁ ଇ-ମାର୍କେଟ ସହ ସଂଯୋଗ, ଗ୍ରାମୀଣ ପକ୍କାଘର, ସଡ଼କ ସଂଯୋଗୀକରଣ ଏବଂ ପ୍ରଧାନମନ୍ତ୍ରୀ ଜନଧନ ଓ ମୁଦ୍ରା ଋଣ ଭଳି ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକୁ ଅଧିକ ବ୍ୟାପକ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ।

ଜିଲ୍ଲାର ପ୍ରଗତି ସମ୍ପର୍କରେ ମତ ଦେଇ ଅତିରିକ୍ତ ସଚିବ ଶ୍ରୀ ଅହମ୍ମଦ କହିଛନ୍ତି ଯେ, ମାଲକାନଗିରି ଜିଲ୍ଲା ସାମଗ୍ରିକ ପ୍ରଗତି ପଥରେ ଦ୍ରୁତ ଅଗ୍ରସର ହେଉଛି। ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ପ୍ରମୁଖ ସୂଚକାଙ୍କଗୁଡ଼ିକରେ ଜିଲ୍ଲାର ପ୍ରଦର୍ଶନ ଅତ୍ୟନ୍ତ ପ୍ରଶଂସନୀୟ ରହିଛି। ଜିଲ୍ଲାପାଳଙ୍କ ଦକ୍ଷ ନେତୃତ୍ୱରେ ପରିଚାଳିତ ପ୍ରଶାସନିକ ଟିମ୍ ସହାୟତାରେ ସମସ୍ତ ସରକାରୀ ଯୋଜନାର ଶତପ୍ରତିଶତ ସଫଳ ରୂପାୟନ ହାସଲ କରିବା ସହ ଆଗାମୀ ୬ ମାସ ମଧ୍ୟରେ ସାମାଜିକ ଅର୍ଥନୀତିର ଅଭିବୃଦ୍ଧିକୁ ଆହୁରି ବେଗବାନ କରିବା ପାଇଁ ପ୍ରଶାସନ ସଂକଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

# ଆଗାମୀ ପିଢି ପାଇଁ ଉଜ୍ଜଳ ଭବିଷ୍ୟତ ଗଠନ କରୁଛି ଜେକେ କାଗଜ କଳ




ରାୟଗଡ଼ା,୧୦।୭(ଆନିସ) ଏସିଆ ମହାଦେଶର ବୃହତ୍ତମ କମ୍ପାନୀ ଜେକେ କାଗଜ କଳ। ଏହି କାଗଜ କଳ ଦ୍ବାରା ଦୈନିକ ହଜାର ହଜାର ଲୋକ ନିଜ ଗୁଜୁରାଣ ମେଣ୍ଟାଉଛନ୍ତି । ଦୀର୍ଘ ଚାଳିଶି ବର୍ଷରୁ ଉର୍ଦ୍ଧ୍ୱ ଏହି କାରଖାନା ଦ୍ବାରା ପରୋକ୍ଷ ଭାବରେ ହଜାର ହଜାର ଲୋକେ ନିଜ ଜୀବିକା ନିର୍ଭର କରିଥାନ୍ତି।ସି ,ଏସ ,ଆର୍ (ବ୍ୟବସାୟିକ ସାମାଜିକ ଦାୟିତ୍ୱ)ଦ୍ବାରା କାରାଖାନା ପାରିପାର୍ଶିକରେ ଥିବା ଗ୍ରାମ ଗୁଡ଼ିକରେ ପିଇବା ପାଣି ଠାରୁ ଆରମ୍ଭ କରି, ଶିକ୍ଷା ସ୍ୱାସ୍ଥ୍ୟ ଓ ବୃକ୍ଷ ରୋପଣ କାର୍ଯ କ୍ରମ କରି ଆସିଛି।ସେହିଭଳି ଶିଳ୍ପ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଜଳ ।ପ୍ରତିଦିନ ୪ହଜାର ଘନମିଟର ପାଣି ପାଇଁ ଜଳସେଚନ ବିଭାଗ ସହିତ ଚୁକ୍ତିନାମା କରିଛି। କାରଖାନା ପକ୍ଷରୁ ସରକାରଙ୍କୁ ପ୍ରାୟ ୧ କୋଟି ଟଙ୍କା ପ୍ରତି ମାସରେ ଜଳକର ଦେଉଛି ।ଏବଂ ଏହା ପରେ ମଧ୍ୟ ନଦୀରୁ ପାଣି ପାଇବା ପାଇଁ ସଂଘର୍ଷ କରୁଛି ଏବଂ ଜଳ ପ୍ରବାହର ଦିଗକୁ ଫେରାଇ ଆଣିବା / ପୁନରୁଦ୍ଧାର କରିବା ପାଇଁ ନଦୀ କୂଳ ଏବଂ ନଦୀ ଶଯ୍ୟା ମରାମତି କରି କୌଣସି ପ୍ରକାରେ ପରିଚାଳନା କରିବାକୁ ପଡୁଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶାବଳୀ ପୂରଣ କରିବା ପାଇଁ, କାରଖାନାବ୍ୟାକ୍ ୱାଟରକୁ ପୁନରୁଦ୍ଧାର ଏବଂ ପୁନଃଚକ୍ରଣ କରିବା ପାଇଁ ଅତ୍ୟାଧୁନିକ ଡିସ୍କ ଫିଲ୍ଟର ବ୍ୟବହାର କରୁଛି। ଜେକେ କାଗଜ ନାଗାବଳୀ ନଦୀର ପାଣି ବ୍ୟବହାର କରେ, ଏବଂ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଜଳ ବ୍ୟବହାର ଏବଂ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ପାଳନ କରିଥାଏ । ମିଲ୍ ଏହାର ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଏକ ଡବଲ- ଷ୍ଟେଜ୍ ଏରେସନ୍ ସହିତ ଟର୍ସିଆରୀ ଟ୍ରିଟମେଣ୍ଟ ସୁବିଧା ବ୍ୟବହାର କରେ ଯାହା ଦ୍ୱାରା ପାଣିକୁ ନାଗାବଳୀ ନଦୀରେ ଫେରାଇ ଦିଆଯିବା ପୂର୍ବରୁ ସଫା କରାଯାଏ। ଜେକେ ପେପର କେବଳ ଶିଳ୍ପ ମାନଦଣ୍ଡକୁ ପୁନଃପରିଭାଷିତ କରୁନାହିଁ ବରଂ ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ ଗଠନ କରୁଛି।ସେହିଭଳି ସି ଏସ ଆର୍ ଦ୍ବାରା ବିଭିନ୍ନ ଗ୍ରାମ ମାନଙ୍କରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରିବା ସହ ଗ୍ରାମାଞ୍ଚଳର ଗରିବ ଶିକ୍ଷିତ ଶ୍ରେଣୀର ଯୁବକଙ୍କୁ କମ୍ପାନୀ ଭିତରେ ନିଯୁକ୍ତି ପ୍ରଦାନ କରିଥାଏ। ମାନସିକ ଅନଗ୍ରସର ବର୍ଗର ପିଲାଙ୍କୁ କୋଲନରା ଠାରେ ଶିକ୍ଷା ପାଇଁ ଜ୍ଞାନ ବର୍ଦ୍ଧିନୀ ନାମକ ଏକ ବିଦ୍ୟାଳୟ ଖୋଲି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିପାରୁଛି।ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଗ୍ରାମାଞ୍ଚଳରେ ବୃକ୍ଷ ରୋପଣ କରି ତାର ଯତ୍ନ ନେବାରେ ସହାୟକ କରୁଛି ଜେକେ କାଗଜ କଳର ସି ଏସ ଆର୍ । ଏହିଭଳି ବିଭିନ୍ନ ସାମାଜିକ ଦାୟିତ୍ୱବୋଧ କାର୍ଯକରି ଦେଶ ବିଦେଶରେ ବିଭିନ୍ନ ସଂସ୍ଥା ପକ୍ଷରୁ ପୁରସ୍କାର ପାଇଥିବା ନଜିର ରହିଛି।

# ଶାସନ୍ଦାରେ କୃଷକ ସଚେତନତା କର୍ମଶାଳା

ବିଞ୍ଝାରପୁର, ୧୦/୭ (ଆନିସ ): ଜିଲ୍ଲା କୃଷି ବିଭାଗ ପକ୍ଷରୁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦା ଗ୍ରାମପଞ୍ଚାୟତ ସଭାଗୃହରେ ଶୁକ୍ରବାର କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। କୃଷକମାନଙ୍କୁ ସରକାରଙ୍କ ବିଭିନ୍ନ କୃଷି ଯୋଜନା ଓ ଖରିଫ ଚାଷ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା।



କର୍ମଶାଳାରେ ବିଞ୍ଝାରପୁର ବ୍ଲକ କୃଷି ଅଧିକାରୀ ଅନିରୁଦ୍ଧ ତରାଇ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଜ୍ଞାନ ପ୍ରକାଶ ସାହୁ, ଶାସନ୍ଦା ସରପଞ୍ଚ କାମଦେବ ଧଳ, ବିଟିଏମ ସୁନସେଫ ରଥ ଓ ଏଟିଏମ ଅନିଲ ଦାସ ପ୍ରମୁଖ ଯୋଗଦେଇ ପ୍ରାକୃତିକ ଚାଷ ପଦ୍ଧତି ଉପରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା । ରାସାୟନିକ ସାର ଓ କୀଟନାଶକର ବ୍ୟବହାର କମାଇ ସ୍ଥାନୀୟ ପ୍ରାକୃତିକ ସମ୍ବଳ ବ୍ୟବହାର କରି ଚାଷ କରିବା, ମୃତ୍ତିକାର ଉର୍ବରତା ବୃଦ୍ଧି, ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ ସୁସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଉପରେ କୃଷି ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ ତାହାସହିତ ଡାଲିଜାତୀୟ ଶସ୍ୟରେ ଆତ୍ମନିର୍ଭରଶୀଳତା, ସିଏମ କିସାନ ଓ ପିଏମ କିସାନ ଯୋଜନା, ଫାର୍ମର ରେଜିଷ୍ଟ୍ରେସନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ଖରିଫ ଧାନ ଚାଷର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାସନ୍ଦା ପଞ୍ଚାୟତର ଅମୀୟ କୁମାର ନାୟକ, ରାମଚନ୍ଦ୍ର ସାମଲ, ନିମାଇଁ ପରିଡ଼ା, ଜଗନ୍ନାଥ ବାରିକ, ଗଙ୍ଗାଧର ଧଳ, ନିର୍ମଳ ନାୟକ, ବିଜୟ ନାୟକ, ସୁରେନ୍ଦ୍ର ସାମଲ, ଜିତେନ୍ଦ୍ର ଦାସ, ସରୋଜ ସାମଲ, ଫ୍ରଫୁଲ ଦାସ, କୃଷକ ସାଥୀ ଦୀନବନ୍ଧୁ ନାୟକଙ୍କ ସମେତ ୫୦ରୁ ଅଧିକ ଚାଷୀ ଉପସ୍ଥିତ ରହି ସରକାରୀ କୃଷି ଯୋଜନା ସମ୍ପର୍କରେ ସୂଚନା ଗ୍ରହଣ କରିଥିଲେ ।

### ଝାରପୋଖରିଆ ନୂତନ ଥାନା ଅଧିକାରୀଙ୍କ ଆକ୍ସନ ମୁଡ

# ଧଳା ପଥର ବୋଝେଇ ଟ୍ରକ୍ ଥାନାରେ ଅଟକ

ସାରସକଣା, ୧୦।୭ (ଆନିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆ ଥାନାର ନୂତନ ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଦାୟିତ୍ୱ ଗ୍ରହଣ ପରେ ଆକ୍ସନ ମୁଡ଼ରେ ନଜର ଆସିଛନ୍ତି। ତାଙ୍କର ପ୍ରଥମ କାର୍ଯ୍ୟାନୁଷ୍ଠାନରେ ଧଳାପଥର ବୋଝେଇ ଏକ ୧୨ ଚକିଆ ଟ୍ରକକୁ ପୋଲିସ ଜବଦ କରିଛି। ସୂଚନା ଅନୁସାରେ ଅଞ୍ଚଳରୁ ଏକ ବେନିୟମ ଧଳା ପଥର ବୋଝେଇ ଟ୍ରକ୍ ଆସୁଥିବାର କୌଣସି ସୂତ୍ରରୁ ଖବର ପାଇ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅଧିକାରୀଙ୍କ ସହ ଏକ ପୋଲିସ ଟିମ୍ ଗତକାଲି ରାତି ସମୟରେ ଝାରପୋଖରିଆ ଟୋଲ ଗେଟ ନିକଟରୁ ଜବଦ କରି ଥାନାରେ ଅଟକ ରଖିଛନ୍ତି । ଜବଦ ହୋଇଥିବା ଟ୍ରକର ନମ୍ବର ଡବ୍ଲ୍ୟୁ ବି ୪୯–୫୩୪୫ ବୋଲି ଜଣାପଡ଼ିଛି । ନୂତନ ଅଧିକାରୀଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ପରେ ବେଆଇନ ଖଣିଜ ପରିବହନ ଉପରେ ପୋଲିସର କଡ଼ା ନଜର ରହିଥିବା ସ୍ପଷ୍ଟ ସଙ୍କେତ ମିଳିଛି। ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଝାରପୋଖରିଆ ନୂତନ ପୋଲିସ ଅଧିକାରୀଙ୍କ ଉକ୍ତ ପଦକ୍ଷେପକୁ ସାଧାରଣ ଲୋକେ ସ୍ୱାଗତ ଜଣାଇଛନ୍ତି। ଉକ୍ତ ଘଟଣା ରେ ପୋଲିସ ଥାନା କେଶ ନମ୍ବର ୨୨/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବୌଦ୍ଧ ଜିଲ୍ଲାରେ ବିଦ୍ୟୁତ ମିଟର ରିଡିଂ ହେରଫେର ଅଭିଯୋଗ, ଥାନାରେ ଅଭିଯୋଗ

ବୌଦ୍ଧ, ଜୁଲାଇ: ଏଆଇ (କୃତ୍ରିମ ବୁଦ୍ଧିମତା) ଆଧାରିତ ଇମେଜ୍ ଏଡିଟିଂ ଟୁଲ୍ ବ୍ୟବହାର କରି ବିଦ୍ୟୁତ୍ ମିଟର ରିଡିଂ ରେକର୍ଡରେ ହେରଫେର ଅଭିଯୋଗ ହୋଇଥିବା ବୌଦ୍ଧ ଜିଲ୍ଲାରେ ଏକ ମାମଲା ସାମ୍ନାକୁ ଆସିଛି । ମିଟର ରିଡିଂ ଇମେଜକୁ ଡିଜିଟାଲ୍ ଉପାୟରେ ପରିବର୍ତ୍ତନ କରି ଠକେଇ ଉଦ୍ୟମ କରିଥିବା ମିଟର ରିଡରଙ୍କ ବିରୋଧରେ ପୁରୁଣାକଟକ ପୋଲିସ ଷ୍ଟେସନରେ ଏଫ୍ଆଇଆର୍ ରୁଜୁ ହୋଇଛି। ଡିଜିଟାଲ୍ ମିଟର ରିଡିଂ ରେକର୍ଡଗୁଡିକର ନିୟମିତ ଯାଞ୍ଚ ସମୟରେ ଏହି ଠକେଇ ସାମ୍ନାକୁ ଆସିଥିଲା । ଅନୁସନ୍ଧାନରୁ ଜଣାପଡିଛି ଯେ, ମିଟର ରିଡିଂର ଫଟୋଗ୍ରାଫଗୁଡ଼ିକୁ ବିଲିଂ ସିଷ୍ଟମରେ ଅପଲୋଡ୍ କରିବା ପୂର୍ବରୁ ଏଡିଟ୍ କରାଯାଇଛି । ମୂଳ ଫଟୋଚିତ୍ରରୁ ମିଟର ନମ୍ବରକୁ ହଟାଇ ରିଡିଂକୁ ଡିଜିଟାଲ ଉପାୟରେ ପରିବର୍ତ୍ତିତ କରାଯାଇଛି । ଏହାପରେ ସମାନ ଫଟୋକୁ ଏକାଧିକ ଉପଭୋକ୍ତାଙ୍କ ବିଲ୍ ଭାବେ ପ୍ରଦର୍ଶିତ କରାଯାଇଛି । ସନ୍ଦିଗ୍ଧ ଅନିୟମିତତା କାରଣରୁ ପ୍ରାୟ ୧.୭୪ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ହୋଇଥିବା ଆକଳନ କରାଯାଇଛି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗ ପକ୍ଷରୁ ଗ୍ରାହକମାନଙ୍କୁ ଏନେଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ସେମାନଙ୍କର ମାସିକ ବିଦ୍ୟୁତ ବିଲରେ ଉଲ୍ଲେଖ କରାଯାଇଥିବା ମିଟର ରିଡିଂ, ବିଦ୍ୟୁତ ମିଟରରେ ପ୍ରଦର୍ଶିତ ରିଡିଂ ସହିତ ମେଳ ଖାଉଛି କି ନାହିଁ ତାହା ଯାଞ୍ଚ କରିବାକୁ କୁହାଯାଇଛି। ମିଟର ରିଡିଂ ସମୟରେ କୌଣସି ଅସଙ୍ଗତି, ସନ୍ଦେହଜନକ ବିଲିଂ ପଦ୍ଧତି କିମ୍ବା ଅନୈତିକ ଅଭ୍ୟାସ ଦେଖାଗଲେ ତୁରନ୍ତ ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟ କିମ୍ବା ଉପଭୋକ୍ତା ହେଲ୍ପଲାଇନ ୧୯୧୨ କିମ୍ବା ୧୮୦୦୨୦୨୬କୁ ଜଣାଇବାକୁ କୁହାଯାଇଛି । ବିଦ୍ୟୁତ ବିଭାଗ ଅଧିକାରୀମାନେ କହିଛନ୍ତି ଯେ, ବିଲିଂ ପ୍ରକ୍ରିୟାରେ ସ୍ୱଚ୍ଛତା, ସଠିକତା ଏବଂ ନିରପେକ୍ଷତା ନିଶ୍ଚିତ କରିବା ପାଇଁ ଟେକ୍ନୋଲୋଜି ଚାଳିତ ମନିଟରିଂ ଏବଂ ନିୟମିତ ଅଡିଟ୍ ଜାରି ରହିଛି ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ,୧୦/୦୭(ଆନିସ): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଏରେଇଁ ଗ୍ରାମ ପଞ୍ଚାୟତ, ଭଦ୍ରକରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ , ଭଦ୍ରକ ସହାୟକ ଶ୍ରୀ ସଞ୍ଜିତ ଦେ, ଶ୍ରମ ବିଭାଗ ପରିଦର୍ଶକ ତେଜସ୍ୱିନୀ ନାୟକ, ଭଦ୍ରକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ସୌମ୍ୟାଜୀତ ବେହେରା ପ୍ରତିପକ୍ଷ ଓକିଲ, ଭଦ୍ରକ, ଏଲ.ଏ.ଡ଼ି.ଏସ୍. ତାପସ କୁମାର ମହାନ୍ତି, ଏରେଇଁ ସରପଞ୍ଚ ଉର୍ମିଳା ଜେନା, ଜରିଆରେ ନାଲସା ସ୍ପୃହା ଯୋଜନା–୨୦୨୫ ଏବଂ ନାଲସା (ଦାରିଦ୍ର୍ୟ ଦୂରୀକରଣର ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ମଧୁ ବାବୁ ପେନସନ ଯୋଜନା ଅନ୍ତର୍ଗତ ବାର୍ଦ୍ଧକ୍ୟ ଭତ୍ତା , ବିକଳାଙ୍ଗ



ସାମାଜିକ କର୍ମୀ ରତ୍ନାକର ସାମଲ, ସୁଶାନ୍ତ କୁମାର ଦାସ, ପି ଏଲ ଭି ଅର୍ଣ୍ଣପୂର୍ଣ୍ଣା ସାହୁ, ଚାରୁଲତା ବେହେରା ତଥା ୭୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ) ଯୋଜନା, ୨୦୧୫ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି ସଚେତନତା କାର୍ଯ୍ୟକ୍ରମ ଅବସରରେ ଶ୍ରମ ବିଭାଗ ଦ୍ୱାରା ଶ୍ରମ କାର୍ଡ ଏବଂ ଭତ୍ତା , ବିଧବା ଭତ୍ତା ଇତ୍ୟାଦି ପ୍ରଦାନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀଗଣ ଏହି କାର୍ଯକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

### ଡୋରଭେରୀ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଚମତ୍କାର ଅଭିବୃଦ୍ଧି

# ୫୧.୧୨ କୋଟି ଟଙ୍କାର ବାର୍ଷିକ ଏଆରଆର ହାସଲ

ନୂଆଦିଲ୍ଲୀ, ୧୦।୭ (ଆନିସ): ଉଦୀୟମାନ ବିଟୁବି ଗ୍ରୋସରି ଡେଲିଭରି ପ୍ଲାଟଫର୍ମ 'ଡୋରଭେରୀ' ୨୦୨୬ – ୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ନିଜର ଉଲ୍ଲେଖନୀୟ ବ୍ୟବସାୟିକ ସଫଳତାର ଘୋଷଣା କରିଛି କମ୍ପାନୀ ପ୍ରତିମାସ ୩୦–୪୦ ପ୍ରତିଶତ ରାଜସ୍ୱ ଅଭିବୃଦ୍ଧି ହାସଲ କରିଥିବା ବେଳେ କାର୍ଯ୍ୟାରମ୍ଭର ପ୍ରଥମ ଦିନରୁ ହିଁ ଲାଭଜନକ ରହିଆସିଛି । ଏହି ସଫଳତା ସହ ଡୋରଭେରୀ ବିଟୁବି ଗ୍ରୋସରି କ୍ରୟ ଓ ଯୋଗାଣ କ୍ଷେତ୍ରରେ ନୂଆ ମାନଦଣ୍ଡ ସ୍ଥାପନ କରୁଛି । ମୁଖ୍ୟ ସଫଳତା ମଧ୍ୟରେ ୨୦୨୬ – ୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ୫୧.୧୨ କୋଟି ଟଙ୍କାର ବାର୍ଷିକ



ଆବର୍ତ୍ତିତ ଆୟ (ଏଆରଆର) ହାସଲ ପ୍ରତିମାସ ୩୦–୪୦ ପ୍ରତିଶତର ସ୍ଥିର ରାଜସ୍ୱ ଅଭିବୃଦ୍ଧି କାର୍ଯ୍ୟାରମ୍ଭର ପ୍ରଥମ ଦିନରୁ ଲାଭଜନକ ବ୍ୟବସାୟ ସାରା ଦେଶର ଖୁଚୁରା ବ୍ୟବସାୟୀ, ପାଇକାରି ବ୍ୟବସାୟୀ, ହୋଟେଲ ଓ ରେଷ୍ଟୁରାଣ୍ଟ ସମେତ ବିଭିନ୍ନ ଗ୍ରାହକଙ୍କୁ ସେବା ପ୍ରଦାନ ଏହି ଅବସରରେ ଡୋରଭେରୀର ନିର୍ଦ୍ଦେଶକ ଜି. ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି । ''୨୦୨୬ ବର୍ଷର ପ୍ରଥମ ତ୍ରୟମାସ ମଧ୍ୟରେ ୫୧.୧୨ କୋଟି ଟଙ୍କାର ଏଆରଆର ହାସଲ କରିବା ଆମ ଗ୍ରାହକଙ୍କ ବିଶ୍ୱାସ ଓ ଆମ ଦଳର ନିଷ୍ଠାର ପ୍ରତିଫଳନ ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ ଆମର ମୂଳ ଲକ୍ଷ୍ୟ ହେଉଛି କାର୍ଯ୍ୟକୁଶଳତା, ପ୍ରଯୁକ୍ତି–ଭିତ୍ତିକ ନବସୃଜନ ଓ ଗ୍ରାହକ–କେନ୍ଦ୍ରିତ ସମାଧାନ ମାଧ୍ୟମରେ ଦୀର୍ଘମିଆଦୀ ମୂଲ୍ୟ ସୃଷ୍ଟି କରିବା ଭାରତର ବିଟୁବି ଗ୍ରୋସରି କ୍ଷେତ୍ର ଡିଜିଟାଲ ପରିବର୍ତ୍ତନର ଏକ ନୂଆ ପର୍ଯ୍ୟାୟକୁ ପ୍ରବେଶ କରୁଛି ଏବଂ ଡୋରଭେରୀ ଦେଶବ୍ୟାପୀ ବ୍ୟବସାୟଗୁଡ଼ିକୁ ଅଧିକ ସ୍ମାର୍ଟ, ଦ୍ରୁତ ଓ ବିଶ୍ୱସନୀୟ କ୍ରୟ ଅନୁଭୂତି ପ୍ରଦାନ କରି ଏହି ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ'' ।

# ରଥଯାତ୍ରା ୨୦୨୬ ପାଇଁ ଯାତାୟାତ ବ୍ୟବସ୍ଥାର ସମୀକ୍ଷା

ପୁରୀ, ୧୦।୭ (ଆନିସ): ପବିତ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବାହୁଡା ଯାତ୍ରା ଓ ସୁନାବେଶ ୨୦୨୬ ଅବସରରେ ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷିତ, ସୁବ୍ୟବସ୍ଥିତ ଓ ସୁଗମ ଯାତାୟାତକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୁରୀ ପୋଲିସ ପକ୍ଷରୁ ଆଜି ସମଙ୍ଗରା ଅଞ୍ଚଳରେ ଏକ ବିସ୍ତୃତ ସ୍ଥଳ ପରିଦର୍ଶନ ଓ ରୁଟ୍ ସମୀକ୍ଷା କରାଯାଇଛି।

ଏହି ସ୍ଥଳ ପରିଦର୍ଶନରେ ଅତିରିକ୍ତ ଏଡିଜି ଶ୍ରୀ ସମଯେନ୍ଦ୍ର ପ୍ରିୟଦର୍ଶୀ ଓ ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀ, ଟ୍ରାଫିକ୍ ୱିଙ୍ଗର ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମଗ୍ର ଅଞ୍ଚଳର ରାସ୍ତା ଓ ଯାତାୟାତ ବ୍ୟବସ୍ଥାର ସମୀକ୍ଷା କରିଥିଲେ।ପରିଦର୍ଶନ ସମୟରେ ସମଙ୍ଗରା ଅଞ୍ଚଳର ସମସ୍ତ ସଂଯୋଗକାରୀ ରାସ୍ତା, ଯାନବାହନ ଚଳାଚଳ ପାଇଁ ଉପଯୁକ୍ତ ମାର୍ଗ, ବସ୍, କାର୍ ଓ ଅନ୍ୟାନ୍ୟ ହାଲୁକା ଓ ଭାରୀ ଯାନର ନିର୍ବିଘ୍ନ ଗମନାଗମନ ବ୍ୟବସ୍ଥା, ରାସ୍ତାର ପ୍ରସ୍ଥ, ମୋଡ଼, ବିକଳ୍ପ ମାର୍ଗ ଏବଂ ସମ୍ଭାବ୍ୟ ଟ୍ରାଫିକ୍ ଚାପକୁ ଦୃଷ୍ଟିରେ ରଖି ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଶେଷକରି ଯେଉଁ ସ୍ଥାନରେ ରାସ୍ତାର ଉନ୍ନତିକରଣ, ପ୍ରଶସ୍ତୀକରଣ କିମ୍ବା ମରାମତି ଆବଶ୍ୟକ, ସେସବୁ ସ୍ଥାନକୁ ଚିହ୍ନଟ କରାଯାଇ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଶୀଘ୍ର କାର୍ଯ୍ୟ ସମାପ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରଥଯାତ୍ରା ସମୟରେ ହଜାର ହଜାର ବସ୍, ବ୍ୟକ୍ତିଗତ କାର୍ ଏବଂ ଅନ୍ୟାନ୍ୟ ଯାନବାହନ ଏହି ରୁଟ୍ ବ୍ୟବହାର କରିବାର ସମ୍ଭାବନା ଥିବାରୁ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ଯାତାୟାତଯୋଗ୍ୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଏସ୍ପି ପୁରୀ ଶ୍ରୀ ପ୍ରତୀକ ସିଂ କହିଥିଲେ ଯେ, ରଥଯାତ୍ରା ଅବସରରେ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା। ସେଥିପାଇଁ ଯାତାୟାତ ପରିଚାଳନାକୁ ଅଧିକ ସୁଦୃଢ଼ କରିବା ଯାନବାହନର ନିରବିଘ୍ନ ଚଳାଚଳ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୂର୍ବରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି କରାଯାଉଛି।

ପରିଦର୍ଶନ ସମୟରେ ରାସ୍ତାରେ ଥିବା ସମ୍ଭାବ୍ୟ ବାଧା, ସଂକୀର୍ଣ୍ଣ ସ୍ଥାନ, ଟ୍ରାଫିକ୍ ବଟଲନେକ୍, ପାର୍କିଂ ସଂଯୋଗ ମାର୍ଗ, ଜରୁରୀକାଳୀନ ଯାନ ଚଳାଚଳ ପାଇଁ ବିକଳ୍ପ ରୁଟ୍ ଏବଂ ଆପତ୍କାଳୀନ ପରିସ୍ଥିତିରେ ଦ୍ରୁତ ପ୍ରତିକ୍ରିୟା ବ୍ୟବସ୍ଥା ଉପରେ ମଧ୍ୟ ସବିଶେଷ ଆଲୋଚନା କରାଯାଇଥିଲା। ପୁରୀ ପୋଲିସ ପକ୍ଷରୁ ସଡ଼କ ନିର୍ମାଣ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ସହ ନିରନ୍ତର ସମନ୍ୱୟ ରଖି ଆବଶ୍ୟକ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରିବା ସହିତ ରଥଯାତ୍ରା ପୂର୍ବରୁ ସମସ୍ତ ରୁଟ୍‌କୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ପୁରୀ ପୋଲିସ ଆଗାମୀ ଦିନରେ ମଧ୍ୟ ବିଭିନ୍ନ ସ୍ଥାନରେ ଏଭଳି ସ୍ଥଳ ପରିଦର୍ଶନ, ସମୀକ୍ଷା ଓ ସମନ୍ୱୟ ବୈଠକ ଜାରି ରଖି ରଥଯାତ୍ରା–୨୦୨୬କୁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ସଫଳ କରିବା ପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରୁଛି।

# ପ୍ରଶାସନ ଓ ସ୍ୱେଚ୍ଛାସେବୀଙ୍କ ସୁସମନ୍ୱୟ ଶୃଙ୍ଖଳିତ ରଥଯାତ୍ରାରେ ସହାୟକ ହେବ:ଜିଲ୍ଲାପାଳ

ପୁରୀ,୧୦।୭ (ଆନିସ): ସେବା ର କୌଣସି ବିକଳ୍ପ ନାହିଁ।ଏହା ସମର୍ପଣ ଓ ଅନୁଭବର କଥା।ପ୍ରଶାସନ ଓ ସ୍ୱେଚ୍ଛାସେବୀ ମାନଙ୍କ ସୁସମନ୍ୱୟ ଶୃଙ୍ଖଳିତ ରଥଯାତ୍ରା ରେ ସହାୟକ ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା।ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଚଳିତ ରଥଯାତ୍ରା ରେ ସ୍ୱେଚ୍ଛାସେବୀ ମାନଙ୍କ ଦାୟିତ୍ୱ,ଭୂମିକା ,କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସ୍ୱେଚ୍ଛାସେବୀ ମାନେ ରଥଯାତ୍ରା ସମୟରେ ବିଭିନ୍ନ ସେବାରେ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହୋଇ ଶ୍ରଦ୍ଧାଳୁ ମାନଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ।ପ୍ରଶାସନ ସହ ସେମାନଙ୍କ ସମନ୍ୱୟ ଏହାକୁ ଅଧିକ କ୍ରୀୟାଶୀଳ କରିବା।ତେବେ ସେବା ସମୟରେ ସମର୍ପଣ ର ସହ ସେବା



କରିବା, ସ୍ୱଛତା, ପରିଷ୍କାର ପରିଛନ୍ନତା। ପ୍ରତି ଉପଯୁକ୍ତ ପଦକ୍ଷେପ ନେବା, ଖାଦ୍ୟ ପ୍ରଦାନ ପରେ ପ୍ଲେଟ ବା ପତ୍ର, ଗ୍ଲାଲ,ଖାଲି ପାଣି ବୋତଲ ଓ ଅନ୍ୟାନ୍ୟ ଅଳିଆ ଯାଡେ ସ୍ୟାଡେ ନ ପକାଇ ବଡ ବଡ କଳା ଜରିରେ ଭରି ମହାନଗର ନିଗମ ଅଳିଆ ବୁହା ଗାଡ଼ିରେ ଦେବା କିମ୍ବା ଉପଯୁକ୍ତ ସ୍ଥାନରେ ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯେଉଁ ସେବା କାର୍ଯ୍ୟ କରିବାକୁ ଦାୟିତ୍ୱ ନେଇଛନ୍ତି ତାହାକୁ ଅତ୍ୟନ୍ତ ନିଷ୍ଠାର ସହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ସେମାନଙ୍କ କାର୍ଯ୍ୟ ଅନୁସାରେ ଦାୟିତ୍ୱ ଦେଉଥିବା ସ୍ୱେଚ୍ଛାସେବୀ ମାନଙ୍କ ତାଲିକା ପ୍ରଦାନ କରନ୍ତୁ ଯାହା ଫଳରେ ତାଙ୍କୁ ଉତ୍ତରଦାୟୀ ଭାବେ ଗ୍ରହଣ କରିବା ସହ ସେମାନଙ୍କ ସହ ଯୋଗାଯୋଗ କରାଯାଇ ପାରିବା।ରଥଯାତ୍ରା ରେ କାର୍ଯ୍ୟ କରୁଥିବା ପ୍ରତିଟି ଅନୁଷ୍ଠାନ ଉପରେ ନଜର ରଖାଯିବ ଓ ସେମାନଙ୍କ କାର୍ଯ୍ୟ ଶୈଳୀ ଆଧାର ରେ ଭବିଷ୍ୟତ ରେ ସେମାନ ଙ୍କୁ ରଥଯାତ୍ରା ରେ ସାମିଲ କରାଯିବ କି ନାହିଁ ତର୍ଜମା କରାଯିବ ବୋଲି କମିଶନର ସ୍ପଷ୍ଟ କରିଦେଇଥିଲେ। ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ ରେ ନିୟୋଜିତ ସ୍ୱେଚ୍ଛାସେବୀ ମାନେ ମୁଖ୍ୟ ଚିକିତ୍ସାଧିକାରୀ ଙ୍କ ଏସଓପି ଆଧାର ରେ କାମ କରିବା,ରନ୍ଧା ଖାଦ୍ୟ ଦେଉଥିବା ଅନୁଷ୍ଠାନ ମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଗ୍ରହଣ କରିବା, ଭିଡ ନିୟନ୍ତ୍ରଣ କରାଯିବ ବୋଲି ସ୍ଥିର ହେଲା।ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ରଥଯାତ୍ରା ର ସ୍ୱତନ୍ତ୍ର ଅଧିକାରୀ ଭବତାରଣ ସାହୁ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି,ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଅକ୍ଷୟ କୁମାର ଶତପଥୀ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ,ଜିଏମ ୱାଟକୋ ବିକ୍ରମ ରାଉତ, ଜିଲ୍ଲା ଅଗ୍ନି ଶମ ଅଧିକାରୀ ପ୍ରଭାତ କୁମାର ରାଉତ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀ,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

### ବାରିପଦା ରଥଯାତ୍ରା ଗୁଜବ୍ ଉପରେ ସ୍ପଷ୍ଟୀକରଣ

# ଲଡୁ ବଣ୍ଟନକୁ ନେଇ ଗୁଜବର ଅବସାନ ରଥରୁ ହିଁ ହେବ ପ୍ରସାଦ ବଣ୍ଟନ: ଉପଜିଲ୍ଲାପାଳ ବାରିପଦା

ବାରିପଦା, ୧୦।୭ (ଆନିସ):ବାରିପଦାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ମହାପ୍ରଭୁଙ୍କ ଲଡୁ ପ୍ରସାଦ ବଣ୍ଟନ ସମ୍ପର୍କରେ ସଠିକ୍ ସୂଚନା ସାଧାରଣ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ଏ ସମ୍ପର୍କରେ ସୃଷ୍ଟି ହୋଇଥିବା ବିଭ୍ରାନ୍ତିର ଅବସାନ ଘଟାଇବା ଉଦ୍ଦେଶ୍ୟରେ ଆଜି ଉପଜିଲ୍ଲାପାଳ, ବାରିପଦା ଶ୍ରୀମତୀ କସ୍ତୁରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉପଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ବାରିପଦା ରଥଯାତ୍ରାର ପାରମ୍ପରିକ ନୀତିକାନ୍ତି ଏବଂ ଲଡୁ ପ୍ରସାଦ ବଣ୍ଟନ ପ୍ରଥାରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ପୂର୍ବବର୍ଷଗୁଡ଼ିକ ପରି ଚଳିତ ବର୍ଷ ମଧ୍ୟ ରଥରୁ ହିଁ ଭକ୍ତମାନଙ୍କ ମଧ୍ୟରେ ମହାପ୍ରଭୁଙ୍କ ଲଡୁ ପ୍ରସାଦ ବଣ୍ଟନ କରାଯିବ । ସେ କହିଥିଲେ ଯେ, ରଥଯାତ୍ରାରେ ପ୍ରତିବର୍ଷ ବୃଦ୍ଧି ପାଉଥିବା ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରସାଦ ବଣ୍ଟନ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ, ସୁବ୍ୟବସ୍ଥିତ ଓ ସୁରକ୍ଷିତ କରିବା ପାଇଁ ଆବଶ୍ୟକ ପ୍ରଶାସନିକ ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ କେବଳ ଭିଡ଼ ପରିଚାଳନା, ଭକ୍ତମାନଙ୍କ ସୁବିଧା ଏବଂ ସୁରକ୍ଷା ସୁନିଶ୍ଚିତ କରିବା । ତେଣୁ ରଥଯାତ୍ରାର ପାରମ୍ପରିକ ନୀତିକାନ୍ତି କିମ୍ବା ଲଡୁ ପ୍ରସାଦ ବଣ୍ଟନ ପ୍ରଥାରେ କୌଣସି ବ୍ୟତିକ୍ରମ ଘଟିନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ଉପଜିଲ୍ଲାପାଳ ସାଧାରଣ ଜନସାଧାରଣଙ୍କୁ ଜନସାଧାରଣଙ୍କୁ ଲଡୁ ପ୍ରସାଦ ବଣ୍ଟନ ସମ୍ପର୍କରେ ପ୍ରଚାରିତ କୌଣସି ଅପ୍ରମାଣିତ ସୂଚନା କିମ୍ବା ଗୁଜବକୁ ବିଶ୍ୱାସ ନକରି କେବଳ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ଆଧିକାରିକ ସୂଚନା ଉପରେ ବିଶ୍ୱାସ ରଖିବାକୁ ଅନୁରୋଧ କରିଥିଲେ । ସେହିପରି ରଥଯାତ୍ରା ସମୟରେ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥାରେ ସହଯୋଗ କରି ଶୃଙ୍ଖଳା ବଜାୟ ରଖିବାକୁ ଏବଂ ଏକ ସୁରକ୍ଷିତ ଓ ସୁଚାରୁ ରଥଯାତ୍ରା ଆୟୋଜନରେ ସହଭାଗୀ ହେବାକୁ ସମସ୍ତ ଭକ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବାରିପଦା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ପ୍ରଭାତ ମଲ୍ଲିକ, ବାରିପଦା ମ୍ୟୁନିସିପାଲଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଶିଶିର କୁମାର ମୁଦୁୟାଙ୍କ ସମେତ ମନ୍ଦିର ନିଯୋଗର ସେବାୟତଗଣ ଉପସ୍ଥିତ ଥିଲେ ।

# ପୁରୀ: ୭୭ଟି ପୋଲିସ ଯାଞ୍ଚକୃତ ହୋଟେଲର ଅଧିକୃତ ବିବରଣୀ ସାର୍ବଜନୀନ

ପୁରୀ, ୧୦।୭ (ଆନିସ): ପବିତ୍ର ରଥଯାତ୍ରା ୨୦୨୬ ଅବସରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଶ୍ରୀକ୍ଷେତ୍ର ପୁରୀକୁ ଆସୁଛନ୍ତି। ଏହି ସମୟରେ ବିଭିନ୍ନ ଅନଲାଇନ୍ ମାଧ୍ୟମରେ ହୋଟେଲ ବୁକିଂ ନାମରେ ସାଇବର ଠକେଇର ଘଟଣା ବୃଦ୍ଧି ପାଉଥିବା ଦୃଷ୍ଟିରେ ରଖି, ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ଏକ ଗୁରୁତ୍ୱପୂର୍ଣ୍ଣ ଜନହିତକର ପଦକ୍ଷେପ ଗ୍ରହଣ କରିଛି। ପୁରୀ ପୋଲିସ ପକ୍ଷରୁ ସହରର ୭୭ଟି ହୋଟେଲର ଅଧିକୃତ ଲିଙ୍କ, ୱେବ୍ସାଇଟ , ଇ–ମେଲ୍ ଠିକଣା, ଯୋଗାଯୋଗ ନମ୍ବର ଏବଂ ହୋଟେଲର ନାମ ସଂଗ୍ରହ କରାଯାଇ ଯାଞ୍ଚ ପରେ ସାର୍ବଜନୀନ କରାଯାଉଛି। ଏହି ତଥ୍ୟ ଭକ୍ତମାନଙ୍କୁ ସଠିକ୍ ଏବଂ ବିଶ୍ୱସନୀୟ ଉତ୍ସରୁ ହୋଟେଲ ବୁକିଂ କରିବାରେ ସହାୟକ ହେବ। ରଥଯାତ୍ରା ସମୟରେ କେତେକ ଠକ ନକଲି ୱେବସାଇଟ୍, ଭୁଆ , ସୋସିଆଲ୍ ମିଡିଆ ପେଜ୍, ନମ୍ବର ଓ ନକଲି କୋଡ୍ ବ୍ୟବହାର କରି ଶ୍ରଦ୍ଧାଳୁଙ୍କୁ ଅଗ୍ରିମ ଅର୍ଥ ପ୍ରଦାନ ପାଇଁ ପ୍ରଲୋଭିତ କରି ଠକେଇ କରୁଥିବା ଦେଖାଯାଇଛି। ଅନେକ କ୍ଷେତ୍ରରେ ଅର୍ଥ ପ୍ରଦାନ କରିବା ପରେ ହୋଟେଲ ବୁକିଂ ହୋଇନଥାଏ କିମ୍ବା ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ, ଫଳରେ ଶ୍ରଦ୍ଧାଳୁମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହୁଅନ୍ତି। ଏହିପରି ଘଟଣାକୁ ରୋକିବା ଏବଂ ଭକ୍ତମାନଙ୍କୁ ସୁରକ୍ଷିତ ବୁକିଂ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ଏହି ଯାଞ୍ଚକୃତ ହୋଟେଲ ତାଲିକା ପ୍ରସ୍ତୁତ କରିଛି। ଶ୍ରଦ୍ଧାଳୁମାନେ ଏହି ତାଲିକାରେ ଥିବା ଅଧିକୃତ ୱେବ୍ସାଇଟ ଲିଙ୍କ, ଇ–ମେଲ୍ ଓ ଫୋନ୍ ନମ୍ବର ମାଧ୍ୟମରେ ସିଧାସଳଖ ହୋଟେଲ ସହ ଯୋଗାଯୋଗ କରି ବୁକିଂ କରିପାରିବେ। ପୁରୀ ପୋଲିସ ଦ୍ୱାରା ପ୍ରକାଶିତ ଯାଞ୍ଚକୃତ ହୋଟେଲ ତାଲିକାରେ ଥିବା ଅଧିକୃତ ଲିଙ୍କ ଓ ଯୋଗାଯୋଗ ବିବରଣୀ ବ୍ୟବହାର କରନ୍ତୁ। କେବଳ ଫୋନ୍ କିମ୍ବା ସୋସିଆଲ୍ ମିଡିଆ ବାର୍ତ୍ତାରେ ବିଶ୍ୱାସ କରି ଅଗ୍ରିମ ଅର୍ଥ ପ୍ରଦାନ କରନ୍ତୁ ନାହିଁ। ଯେକୌଣସି ପେମେଣ୍ଟ କରିବା ପୂର୍ବରୁ ହୋଟେଲର ନାମ, ଠିକଣା, ମୋବାଇଲ୍ ନମ୍ବର ଓ ୱେବସାଇଟ୍ ଯାଞ୍ଚ କରନ୍ତୁ। ସନ୍ଦେହଜନକ ୱେବସାଇଟ୍, ନକଲି ଲିଙ୍କ କିମ୍ବା ଅଜଣା ବ୍ୟକ୍ତିଙ୍କ ବ୍ୟାଙ୍କ/ ଆକାଉଣ୍ଟକୁ ଅର୍ଥ ପଠାନ୍ତୁ ନାହିଁ। ଅତ୍ୟନ୍ତ କମ୍ ମୂଲ୍ୟରେ ରୁମ୍ ଦେବାର ପ୍ରଲୋଭନ କିମ୍ବା ତୁରନ୍ତ ପେମେଣ୍ଟ ପାଇଁ ଚାପ ସୃଷ୍ଟି କରାଯାଇଲେ ସତର୍କ ରୁହନ୍ତୁ। ବୁକିଂ ସମ୍ବନ୍ଧୀୟ ସମସ୍ତ ରସିଦ, ଇ–ମେଲ୍ ଓ ପେମେଣ୍ଟ ବିବରଣୀ ସଂରକ୍ଷଣ କରି ରଖନ୍ତୁ। ପୁରୀ ପୋଲିସ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରୁଛି ଯେ, ହୋଟେଲ ବୁକିଂ ସମୟରେ ସତର୍କତା ଅବଲମ୍ବନ କରନ୍ତୁ ଏବଂ କେବଳ ଯାଞ୍ଚକୃତ ତଥ୍ୟ ଆଧାରରେ ବୁକିଂ କରନ୍ତୁ। ଏହାଦ୍ୱାରା ଅନଲାଇନ୍ ଠକେଇରୁ ରକ୍ଷା ପାଇବା ସହିତ ରଥଯାତ୍ରା ସମୟରେ ନିର୍ଭୟ ଓ ସୁବିଧାଜନକ ରହଣିର ସୁବିଧା ମିଳିପାରିବ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda